Annual Subscription Rs. 50.00 only

# ମାତୃଭବନ ପତ୍ର

## ମାସିକ ଶ୍ରୀମା ଓ ଶ୍ରୀଅରବିନ୍ଦ ପତ୍ରିକା

ପଞ୍ଚତ୍ରିଂଶ ବର୍ଷ ◆ ପଞ୍ଚମ ସଂଖ୍ୟା ◆ ଅକ୍ଟୋବର ୨୦୨୫

A thousand doors of oneness was her heart.
Savitri/p.695

**- Sri Aurobindo**

ହୃଦୟ ତାଙ୍କର ଏକତ୍ୱର ସହସ୍ର ଦୁଆର।

– ଶ୍ରୀଅରବିନ୍ଦ

**ମାତୃଭବନ**
ଶ୍ରୀଅରବିନ୍ଦ ମାର୍ଗ, କଟକ – ୭୫୩ ୦୧୩

**୨୪ ନଭେମ୍ବର ୧୯୨୬ – ୨୪ ନଭେମ୍ବର ୨୦୨୫**



ଅନେଶୋତତମ ପବିତ୍ର ସିଦ୍ଧିଦିବସରେ **"ମାତୃଭବନ ପତ୍ର"** ଓଡ଼ିଶାର ମାତୃସନ୍ତାନମାନଙ୍କ ସହିତ ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ଚରଣ କମଳରେ କୃତଜ୍ଞତାପୂର୍ଣ୍ଣ ପ୍ରଣତି ଜଣାଉଛି ।

# ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ

ଟିଚରମାନେ 'ପୂର୍ଣ୍ଣାଙ୍ଗ ଶିକ୍ଷା' ପତ୍ରିକା ପଢ଼ନ୍ତୁ। ଶିକ୍ଷା ବିଷୟରେ ପୂର୍ବ ପତ୍ରିକାମାନଙ୍କରେ ବହୁତ ବିଷୟ ପ୍ରକାଶିତ ହୋଇଅଛି। ସେସବୁ ପଢ଼ନ୍ତୁ। ମାତ୍ର ଟିଚରମାନଙ୍କର ପ୍ରଥମ ଯୋଗ୍ୟତା ହେଉଛି ମା'ଙ୍କ ଭକ୍ତ ହୋଇଥିବେ। ସମସ୍ତ ଯୋଗ୍ୟତା ଥାଇ ମା'ଙ୍କ ଭକ୍ତ ନହୋଇଥିଲେ ସେ ପିଲାମାନଙ୍କୁ ଯଥାର୍ଥ ଶିକ୍ଷା ଦେଇପାରିବେ ନାହିଁ। ସେମାନେ ଲୋକସାହିତ୍ୟ, ନାମଜପ ବହି ତଥା ଶ୍ରୀମା-ଶ୍ରୀଅରବିନ୍ଦଙ୍କ ବହି ପଢ଼ିବା ଉଚିତ। ସବୁ ଟିଚରମାନଙ୍କର ପାଠଚକ୍ର ହେବା ଏକାନ୍ତ ଆବଶ୍ୟକ। ପାଠଚକ୍ର ନହେଲେ ସେମାନେ ବହିପଢ଼ି ବୁଝିପାରିବେ ନାହିଁ। ମନୁଷ୍ୟ ଚେଷ୍ଟା କଲେ ତା' ସ୍ୱଭାବ ବଦଳିପାରେ।

୮.୫.୮୧

ପାଠଚକ୍ର, ସ୍କୁଲ ବ୍ୟବସ୍ଥା ଭଲ ହୋଇଛି। ମା'ଙ୍କୁ ଡାକନ୍ତୁ। ସମସ୍ତେ ମିଳିମିଶି କାର୍ଯ୍ୟ କଲେ ଅନୁଷ୍ଠାନର ଉନ୍ନତି ନିଶ୍ଚୟ ହେବ। ମା'ଙ୍କ କାର୍ଯ୍ୟରେ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ବହୁତ ଭଲ। ସେଥିରେ ନିଜ ସାଧନାରେ ମଧ୍ୟ ଉନ୍ନତି ହେବ।

ସ୍କୁଲ ସକାଶେ ଭଲ ଭଲ ଟିଚର୍ ରଖିବାକୁ ହେବ। କିନ୍ତୁ ସେମାନେ ମା'ଙ୍କ ଭକ୍ତ ହୋଇଥିବା ଏକାନ୍ତ ଆବଶ୍ୟକ। ଚେଷ୍ଟା କରନ୍ତୁ। ଯେପରି ସ୍କୁଲ ଭଲ ହେଉ, ଶ୍ରେଣୀ ବଢ଼ୁ।

ଆପଣମାନେ ମା'ଙ୍କ ନାମଜପ କରନ୍ତୁ। ମା'ଙ୍କ କାର୍ଯ୍ୟ ସାଧନା ମନୋଭାବରେ ସମସ୍ତେ କଲେ ଅନୁଷ୍ଠାନର ବହୁତ ଉନ୍ନତି ହେବ। ଏହି ଉନ୍ନତି ଯଥାର୍ଥରେ ମା'ଙ୍କ ସେବା ଏବଂ ଜଗତର ସେବା। **୨୪.୬.୮୧**

ସ୍କୁଲ ଆପଣଙ୍କର। ଆପଣମାନେ ଏହାକୁ ନିର୍ମାଣ କରିଛନ୍ତି। ଯେପରି ଛୋଟ ଗଛଟିଏ ଲଗେଇ ବାଡ଼ଦେଇ, ଜଳଦେଇ ଗଛକୁ ବଢ଼ାଯାଏ ସେହିପରି ସ୍କୁଲକୁ କରିଛନ୍ତି ଆପଣମାନେ। ଗଛ ବଡ଼ ହୋଇ ଉତ୍ତମ ଫଳ ଦେବା ସଦୃଶ ଆଜି ଏହି ସ୍କୁଲ ତା'ର ପରିଚୟ ଦେଇଛି। ଆପଣମାନଙ୍କର ଆରମ୍ଭରୁ ପରିଶ୍ରମ ସଫଳ ହୋଇସାରିଛି। ମଝିରେ ଅସୁବିଧା ହୋଇଥିଲା, ପରିଶ୍ରମ ବ୍ୟର୍ଥ ହୋଇଥାଆନ୍ତା। ମା'ଙ୍କ କୃପାରୁ ସେ ଅନୁଷ୍ଠାନ ରକ୍ଷା ହୋଇଛି। ଆପଣମାନେ ମରୁଭୂମିରେ ଉତ୍ତମ ଫଳ ବଗିଚା କରିଅଛନ୍ତି। ଏହି ଉତ୍ତମ ଫଳ ବଗିଚାର ନିର୍ମାତା ଆପଣମାନେ ଏବଂ ଆମ୍ଭେମାନେ ଆରମ୍ଭରୁ ଦେଖି ଆସୁଛୁ। ବିକାଶୋନ୍ମୁଖୀ ବଗିଚା ଯେପରି ନଷ୍ଟ ନ ହେବ ସେହିପରି ଧୈର୍ଯ୍ୟ ଧରି ଅପେକ୍ଷା କରିବାକୁ ହେବ।

ବିବାଦରେ ସଂସ୍ଥାର କ୍ଷତିହେବ କିନ୍ତୁ ସେହି ସଂସ୍ଥାର ନିର୍ମାତା ଆପଣମାନେ। ସେହି ସଂସ୍ଥାର ଉନ୍ନତି ପାଇଁ ଆପଣମାନେ ପ୍ରାଣପଣେ ଚେଷ୍ଟା କରିଛନ୍ତି, ପରିଶ୍ରମ କରିଛନ୍ତି ଏପରିକି ସଂସ୍ଥାର ସୁନାମ କରାଇ ଅଛନ୍ତି। ଏପରି ସ୍ଥଳେ ସଂସ୍ଥାକୁ ନଷ୍ଟ ନକରି ଅପେକ୍ଷା କରନ୍ତୁ। ମା'ଙ୍କ ଉପରେ ବିଶ୍ୱାସ ଭରସା ରଖନ୍ତୁ। 'ମା' ଏହି ନାମ ନିରନ୍ତର ଜପ କରନ୍ତୁ। କୌଣସି ପ୍ରକାର ମନ୍ଦ ମନୋଭାବ ନରଖି ଅପେକ୍ଷା କରନ୍ତୁ।

...ଆଧ୍ୟାତ୍ମିକ ଅନୁଷ୍ଠାନ ତଥା ଆଧ୍ୟାତ୍ମିକ ପ୍ରଣାଳୀରେ ଗଠିତ ଅନୁଷ୍ଠାନ ସାଧାରଣ ଅନୁଷ୍ଠାନ ତଥା ସଂସ୍ଥାଠାରୁ ପୃଥକ। ରୂପାନ୍ତର ଯୋଗର ଆଧ୍ୟାତ୍ମିକ ସଂସ୍ଥାଗୁଡ଼ିକ ଏକ ଅନ୍ୟର ସାଧନାର ପରିପୂରକ। ଜଣେ ବ୍ୟକ୍ତି ସାଧନା କରି ରୂପାନ୍ତର ସିଦ୍ଧି କରିପାରିବେ ନାହିଁ। ବହୁତ ବ୍ୟକ୍ତିଙ୍କର ସାଧନା ଆବଶ୍ୟକ। ଯେତେ ଅଧିକ ସାଧକ ସାଧନା କରିବେ, ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଯୋଗକୁ ଗ୍ରହଣ କରିବେ ସେତେ ବ୍ୟକ୍ତିଗତ ସାଧନାରେ ସାହାଯ୍ୟ ମିଳିବ।

ସାଂସାରିକ ପ୍ରଣାଳୀରେ ଗଠିତ ଅନୁଷ୍ଠାନର ବ୍ୟକ୍ତି ଅଧ୍ୟକ୍ଷ ହେବାକୁ ଚେଷ୍ଟା କରନ୍ତି। ତାହା ନହେଲେ ସଂସ୍ଥାକୁ ଭାଙ୍ଗିଦିଅନ୍ତି। ଆପଣମାନେ ନିଜେ ଆଖି ଆଗରେ ବର୍ତ୍ତମାନ ବି ଦେଖୁଛନ୍ତି। ଏ ପ୍ରକାର ଆଚରଣ ରାଜନୀତିରେ ଦେଖିବାକୁ ମିଳେ।

ଆମ୍ଭେମାନେ ଯଦ୍ୟପି ଅଧ୍ୟାତ୍ମମାର୍ଗ ଅନୁସରଣ କରୁଛୁ ତଥାପି ଆମର ସାଂସାରିକ ପ୍ରଣାଳୀର ବ୍ୟବହାର ଅଧ୍ୟାତ୍ମ ସଂସ୍ଥାରେ ପ୍ରୟୋଗ କରୁଛୁ।

ଅଧ୍ୟାତ୍ମ ପ୍ରଣାଳୀ ହେଲା ବ୍ୟକ୍ତିଗତ ପରିସ୍ଥିତିକୁ ନଦେଖି ଅନୁଷ୍ଠାନ କିପରି ସୁରକ୍ଷିତ ରହିବ ତା'ପ୍ରତି ଦୃଷ୍ଟି ଦେବା। ପରିସ୍ଥିତି ଅନୁସାରେ ନିଜର କାର୍ଯ୍ୟ କରିବାକୁ ହେବ, ତାହା ନିଜ ବୁଦ୍ଧି ବିଚାରରେ ଠିକ୍ ହେଉ ବା ନହେଉ। ଉଚ୍ଚତର ଚେତନା ପ୍ରାପ୍ତ ହୋଇଥିଲେ ସେହି ଚେତନାରେ ରହି କାର୍ଯ୍ୟ କରିବା ଉଚିତ ଅନ୍ୟଥା ମା'ଙ୍କ ଉପରେ ଛାଡ଼ି 'ମା' ଏହି ନାମଜପ ପୂର୍ବକ ଅପେକ୍ଷା କରିବା ସହିତ ପ୍ରାର୍ଥନା କରିବା, ଧାରଣା ରଖିବା, "ଏ ଅନୁଷ୍ଠାନ ତୁମର, ଅନୁଷ୍ଠାନ ଚଳାଇବା ପାଇଁ ଆମ୍ଭମାନଙ୍କୁ ଉଚିତ ପ୍ରେରଣା ଦିଅ"। ଏହି ଭାବ ରଖିଲେ ମା' ସ୍ୱୟଂ କ୍ରିୟା କରିବେ ଏବଂ ନିଜକୁ ଉଚିତ ପ୍ରେରଣା ମଧ୍ୟ ଦେବେ। ଏପରି ପ୍ରଣାଳୀରେ ଅଧିକ କ୍ଷତି ହେବ ନାହିଁ। ଶାନ୍ତିରେ ସମସ୍ୟାର ସମାଧାନ ହେବ। ଯିଏ ଭୁଲ୍ କରିଥାଏ ସେହି ଭୁଲ୍ ନିଜେ ବୁଝି ପାରିବ ଏବଂ ମା'ଙ୍କ ବିଧାନ ଅନୁସାରେ ସଂଶୋଧନ ହେବ।

**୧୩.୭.୮୧**

●

# ଆମ ଜାତୀୟତାର ବୈଶିଷ୍ଟ୍ୟ ଓ ଯୁବସମାଜର ଭୂମିକା

*ପୂର୍ବ ପ୍ରକାଶିତ ଉତ୍ତାରୁ...* ତତ୍କାଳୀନ ସ୍ୱଦେଶୀ ଆନ୍ଦୋଳନର ଝଡ଼ଝଞ୍ଜା ମଧ୍ୟରେ ଶ୍ରୀଅରବିନ୍ଦଙ୍କ ଅତୁଳନୀୟ ଦେଶପ୍ରୀତିର ପରିଚୟ ପାଇ ରବୀନ୍ଦ୍ରନାଥ ଯାହା ଲେଖିଛନ୍ତି, ତାହା ଅକ୍ଷରେ ଅକ୍ଷରେ ସତ୍ୟ। ଶ୍ରୀଅରବିନ୍ଦ ଭାରତର ଅନ୍ତରାତ୍ମା ଓ ଅନ୍ତଃପୁରୁଷଙ୍କ ସଙ୍ଗେ ଏକାତ୍ମତା ଲାଭ କରିଥିଲେ। ସର୍ବତୋଭାବେ ଭାରତର ଶାଶ୍ୱତ ଆତ୍ମା ସଙ୍ଗେ ନିଜକୁ ମିଳାଇ ଦେଇଥିଲେ। ଏହି ଦେଶକୁ ସେ 'ଭାରତୀ', 'ଭବାନୀ', 'ଭାରତ-ଶକ୍ତି', ସିଂହବାହିନୀ, ଅସୁର-ମର୍ଦ୍ଦିନୀ, ଦିବ୍ୟ-ସାମର୍ଥ୍ୟଦାୟିନୀ ଦୁର୍ଗା ବୋଲି ଅଭିହିତ କରିଥିଲେ। ଜାତୀୟତାକୁ ସେ ଆଧ୍ୟାତ୍ମିକତାରେ ରୂପାନ୍ତର କରିଥିଲେ। ଶ୍ରୀଅରବିନ୍ଦଙ୍କର ଜାତୀୟତାମୂଳକ ରଚନାବଳୀରେ 'ଭାରତମାତା'ଙ୍କର ଯେଉଁ ଅପରୂପ ଜୀବନ୍ତ ଦିବ୍ୟମୂର୍ତ୍ତିର ଦର୍ଶନ ମିଳେ ତାହା ଅନ୍ୟତ୍ର କେଉଁଠି ଦେଖିବାକୁ ମିଳେ ନାହିଁ। ଭଗୀରଥ ଯେପରି ସ୍ୱର୍ଗରୁ ପତିତପାବନୀ ଗଙ୍ଗାକୁ ଆଣି ମର୍ତ୍ତ୍ୟ ଭୂମିରେ ଅବତରଣ କରାଇଥିଲେ, ଶ୍ରୀଅରବିନ୍ଦ ସେହିପରି ଅତୀତର ଅନନ୍ତକାଳ ମଧ୍ୟରେ ଭାରତମାତାଙ୍କର ଲୁକ୍କାୟିତ ସ୍ୱର୍ଣ୍ଣମୟୀ ପ୍ରତିମାକୁ ଉଦ୍ଧାର କରି ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛନ୍ତି। ଭାରତର ଐତିହ୍ୟ, ସଂସ୍କୃତି, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ରାଷ୍ଟ୍ରନୀତି, ଶିଳ୍ପ, ଶିକ୍ଷା, ଯୋଗ, ଦର୍ଶନ, ଆଧ୍ୟାତ୍ମିକତା ଇତ୍ୟାଦି ଉପରେ ସେ ଯେଉଁ ଗଭୀର ଆଲୋକପାତ କରିଛନ୍ତି ତାହା ଯେପରି ମୃତକୁ ସଞ୍ଜୀବନୀ-ଶକ୍ତି ଦାନ କରିଛି। ଏହା କହିବା ଅନାବଶ୍ୟକ ଯେ ଶ୍ରୀଅରବିନ୍ଦଙ୍କ ଦିବ୍ୟଜୀବନ ସାଧନର ପ୍ରାଥମିକ ଏବଂ ଏକ ଅପରିହାର୍ଯ୍ୟ ସିଦ୍ଧିହିଁ ଭାରତର ଉତ୍ଥାନ, ଉନ୍ନତି ଓ ଅଗ୍ରଗତି। ଭାରତହିଁ ସେହି ପୁଣ୍ୟଭୂମି ଯେ ଦିବ୍ୟଜୀବନ ସିଦ୍ଧିର ଭାରକୁ ବହନ କରିବ। ବର୍ତ୍ତମାନ ଯୁଗରେ ସମଗ୍ର ମାନବଜାତିର କଲ୍ୟାଣ ଓ ଉନ୍ନତି ବହୁଭାବରେ ଭାରତ ଉପରେ ନିର୍ଭର କରୁଛି। ଜାତି ହିସାବରେ ଭାରତବର୍ଷ ଏପରି କିଛି ମହାନ୍ ସତ୍ୟର ଅଧିକାରୀ ଯାହା ସେ ନିଜେହିଁ ଜଗତକୁ ଦାନ କରିପାରିବ, ଅନ୍ୟ କେହି ନୁହେଁ। ଜଗତର କଲ୍ୟାଣ ନିମିତ୍ତ ଭାରତର ଉତ୍ଥାନ ବିଧିନିର୍ଦ୍ଦିଷ୍ଟ।

ଆମ୍ଭେମାନେ ଅନ୍ୟତ୍ର ଶ୍ରୀଅରବିନ୍ଦଙ୍କ ଜାତୀୟତାମୂଳକ ଲେଖା ଓ ଘୋଷଣାବଳୀର କେତେକ ବିଶିଷ୍ଟ ବାକ୍ୟ ଓ ପ୍ରବନ୍ଧ ଉଦ୍ଧାର କରିଛୁ। ପାଠକ-ପାଠିକାମାନେ ତାହା ପାଠକରି ତାହାର ଅନ୍ତର୍ନିହିତ ମର୍ମ କେତେକାଂଶରେ ଯେ ହୃଦୟଙ୍ଗମ କରିବେ, ଏଥିରେ ସନ୍ଦେହ ନାହିଁ। ସେହିସବୁ ଘୋଷଣା ଓ ପ୍ରବନ୍ଧର ଉଦ୍ଧାର ସଙ୍ଗେ ସଙ୍ଗେ ଆମ୍ଭେମାନେ ଭାରତ

ସମ୍ବନ୍ଧରେ ଶ୍ରୀମା'ଙ୍କ ବିଭିନ୍ନ ବାର୍ତ୍ତା ମଧ୍ୟ ସନ୍ନିବେଶିତ କରିଅଛୁ। ଏହିସବୁ ଘୋଷଣା, ବାଣୀ ଓ ପ୍ରବନ୍ଧଗୁଡ଼ିକ ପାଠକଲେ ମନେହେବ, ଭାରତ-ଉଦ୍ଧାର ଯେପରି ଶ୍ରୀମା' ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ-ସାଧନା ଓ ସିଦ୍ଧିର ଏକ ବିଶିଷ୍ଟ ଅଙ୍ଗ, ଏକ ଅପରିହାର୍ଯ୍ୟ ପରିଣାମ। ସମଗ୍ର ପୃଥିବୀରେ ଅତିମାନସ ଅଧ୍ୟାତ୍ମ-ବିପ୍ଳବ ଫଳରେ ଯେଉଁ ନୂତନ ମାନବ-ଗୋଷ୍ଠୀର ଉଦ୍ଭବ ହେବ, ସେଥିରେ ଭାରତହିଁ ହେବ ଅଗ୍ରଗାମୀ ଦେବଦୂତ, ଦିଶାରୀ ଓ ଗୁରୁ। ଶ୍ରୀମା'ଙ୍କ ମୁଖନିଃସୃତ ବାଣୀରେ ଏହି ସତ୍ୟ ଏକ ପ୍ରଜ୍ଜ୍ୱଳ ରୂପ ଧାରଣ କରିଛି :"ଭାରତର ଭବିଷ୍ୟତ ଅତି ସ୍ପଷ୍ଟ। ଭାରତହିଁ ଜଗତର ଗୁରୁ। ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭରକରେ। ଭାରତହିଁ ଜୀବନ୍ତ ଆତ୍ମା। ଭାରତବର୍ଷ ପୃଥିବୀରେ ଦିବ୍ୟ ଅଧ୍ୟାତ୍ମଜ୍ଞାନ ମୂର୍ତ୍ତ କରୁଛି। ଭାରତସରକାର ଭାରତବର୍ଷର ଏହି ତାତ୍ପର୍ଯ୍ୟକୁ ସ୍ୱୀକାର କରିବା ଉଚିତ ଏବଂ ତାଙ୍କର କାର୍ଯ୍ୟ ତଦନୁଯାୟୀ ପରିଚ୍ଛଳିତ ହେବା ଉଚିତ।"

ଦିବ୍ୟ ଜ୍ଞାନ, ଶକ୍ତି, ଜ୍ୟୋତିଃ ଓ ସାମର୍ଥ୍ୟର ଅଫୁରନ୍ତ ଭୂମି ଭାରତ। ମାନବଜାତିର ପୁନର୍ଜନ୍ମ ଏହି ଦିବ୍ୟଜ୍ଞାନ ଓ ଜ୍ୟୋତିଃ ମଧ୍ୟରେ ହେବ। ସେଥିପାଇଁ ଭାରତହିଁ ମାନବଗୋଷ୍ଠୀର ଦିବ୍ୟତ୍ୱ ଲାଭରେ ଗୁରୁରୂପେ ପୌରୋହିତ୍ୟ କରିବ। ଭାରତର ନବଜନ୍ମର ଏହାହିଁ ମୂଳରହସ୍ୟ।

ତେବେ, ଏ ପ୍ରଶ୍ନ ସ୍ୱାଭାବିକ ଭାବରେ ମନରେ ଉଠିବ ଯେ ଶ୍ରୀଅରବିନ୍ଦଙ୍କ ଭାରତ-ପ୍ରୀତି, ଜାତିପ୍ରେମର ଅନ୍ତର୍ନିହିତ ତାତ୍ପର୍ଯ୍ୟ କ'ଣ? ସେ ଜଣେ ଭାରତବାସୀ, ଏକ ସମୟରେ ଭାରତର ମୁକ୍ତି-ସଂଗ୍ରାମର ଜନୈକ ବିଶିଷ୍ଟ କର୍ଣ୍ଣଧାର। ସେଥିପାଇଁ ହୁଏତ ସେ ଭାରତବର୍ଷକୁ ଏତେ ଭଲ ପାଉଥିଲେ ଏବଂ ଏହି ଦରିଦ୍ର, ପତିତ ଜାତି ଉପରେ ଏତେ ପ୍ରଶଂସା ଢାଳି ଦେଇଛନ୍ତି। ଭାରତ-ଉତ୍ଥାନ ମଧ୍ୟରେ ଶ୍ରୀଅରବିନ୍ଦ ମାନବଗୋଷ୍ଠୀର ଉତ୍ଥାନ ଦେଖିଲେ କିପରି? ଏହା ହୁଏତ ଦେଶପ୍ରତି ଗୋଟିଏ ମୋହ, ଆସକ୍ତିର ସୂଚନା ମାତ୍ର। ତେବେ କେଉଁଭାବରେ ଭାରତର ଉତ୍ଥାନ ହେଲେ ସମଗ୍ର ମାନବଜାତିର ହେବ? ଅନ୍ୟ କୌଣସି ଗୋଷ୍ଠୀ ବା ରାଷ୍ଟ୍ରର ଉତ୍ଥାନରେ ପୃଥିବୀରେ ସେହି ଉତ୍ଥାନ ବା କଲ୍ୟାଣ ସାଧିତ ହେବ ନାହିଁ କାହିଁକି? "ଭାରତ ଯଦି ସଙ୍କଳ୍ପ କରେ, ତେବେ ମାନବଜାତି ଆଜି ଯେଉଁ ସମସ୍ୟା ନେଇ ବିବ୍ରତ, କିଂକର୍ତ୍ତବ୍ୟବିମୂଢ଼ ହୋଇପଡ଼ିଛି, ସେସବୁର ଦେଇପାରେ ଏକ ଅବ୍ୟର୍ଥ ମୀମାଂସା, ଏକ ନୂତନ ନିର୍ଦ୍ଦେଶ।"– ଏପରି ଉକ୍ତି ଶ୍ରୀଅରବିନ୍ଦ କାହିଁକି କଲେ? ଜଗତ ସମସ୍ୟାର ସମାଧାନର ଚାବିକାଠି ଭାରତ ହସ୍ତରେ – ଏହାର ଅର୍ଥ କ'ଣ ଏବଂ କେଉଁ ସତ୍ୟର ଅଧିକାରୀ ହେତୁ ଭାରତ ସମଗ୍ର ଜଗତକୁ ପଥ ନିର୍ଦ୍ଦେଶ କରିପାରେ? ଏସବୁ ବାକ୍ୟର ଯଥାର୍ଥତା ଅଛି ତ? ଯଦି ଅଛି, ତେବେ କେଉଁ ଅର୍ଥରେ?

●

*ଏବେବି ମନେପଡ଼େ.....*

# କେବେ ଆସିଛନ୍ତି, କେବେ ଯିବେ

ପଣ୍ଡିଚେରୀରେ ପହଞ୍ଚିବା ପରଠାରୁ ଫେରିବା ପର୍ଯ୍ୟନ୍ତ ଯିଏ ବି ଦେଖାହେବେ ଏହି ଦୁଇଟି ପ୍ରଶ୍ନ ନିଶ୍ଚୟ ପଚାରିବେ। କେବେ ଆସିଛନ୍ତି ଏବଂ କେବେ ଯିବେ? ହୁଏ ତ ଏକା ଟ୍ରେନ୍‌ରେ ପହଞ୍ଚିଥିବୁ ଏବଂ ସେହି ଟ୍ରେନ୍‌ରେ ବି ସାଙ୍ଗ ହୋଇ ଫେରିବୁ। ଆଉ ଆଶ୍ରମ ସାଧକ ହୋଇଥିଲେ, ଆପଣ ସେଇ ନବଜ୍ୟୋତିରେ ରହୁଛନ୍ତି ତ! କେତେଦିନ ଅଛନ୍ତି? ମାତ୍ର ଏହି ସବୁ ପ୍ରଶ୍ନକର୍ତ୍ତାଙ୍କର ବାସ୍ତବିକ କିଛି ଜାଣିବା ଆବଶ୍ୟକ ନଥାଏ। ଯେବେ ଆସିଲେ ବି ତାଙ୍କର ଜାଣିକରି କ'ଣ ହେବ କିମ୍ବା ଯେବେ ଗଲେ ବି ତାଙ୍କର ଜାଣିକରି କ'ଣ ହେବ? ଖାଲି କିଛିଟା ତ ପଚାରିବାକୁ ହେବ- ତେଣୁ ପଚାରି ଦିଅନ୍ତି। ଅନେକ ଅଛନ୍ତି ଆହୁରି ଟିକିଏ ଆଗକୁ ଯାଇ ପଚାରି ଦିଅନ୍ତି, କିଛି ଦିନ ଅଛନ୍ତି ତ? ଏହାର ଅର୍ଥ କ'ଣ ବୁଝୁଛ ବୁଝ? କିଛି ଦିନ ଅଛିକି ନାହିଁ ମୁଁ କେମିତି କହିବି, କେବେ ଯିବି ମୁଁ କେମିତି କହିବି। ଆହୁରି ମଜା କଥା ହେଲା - ଆପଣ ତାଙ୍କୁ କାଲି ଯିବି କହିଲେ ତାଙ୍କର ମୁହଁର ଭାବ ଯାହା ଦେଖାଯିବ, ମାସେ ଅଛି ତା'ପରେ ଯିବି କହିଲେ ମୁହଁର ଭାବ ମଧ୍ୟ ତାହା ଦେଖାଯିବ। କାରଣ ପ୍ରକୃତରେ ସେଥିରେ ତାଙ୍କର କିଛି ଯାଏ ଆସେ ନଥାଏ।

ଥରେ ତେଜ୍ ଦା (ଗୋବିନ୍ଦ ତେଜ୍)ଙ୍କ ସହିତ ଏକାଠି ଟ୍ରେନ୍‌ରେ ଯାଉଥାଉ। ଜଣେ କେହି ପଚାରିଲେ ଦାଦା କେବେ ଫେରିବେ? ଦାଦା ମୁହଁ ଶୁଖାଇ କରି କହିଲେ, ଯମକୁ ପଚାର। ସେ ବୁଝି ପାରିଲେ ନାହିଁ। ପଚାରିଲେ, ସେ ଏଇ ଟ୍ରେନ୍‌ରେ ଯାଉଛନ୍ତି? ତେଜ ଦା କହିଲେ ଥିବେ। ଆମେ ସବୁ ହସି ଉଠିଲୁ।

ବାସ୍ତବିକ ଅନେକ କଥା ଆମେ ଆବଶ୍ୟକ ନଥାଇ କହୁଥାଉ। ପଣ୍ଡିଚେରୀରେ କେହି କେହି ପଚାରିବେ, କେଉଁଠାରେ ରହୁଛନ୍ତି? କେତେ ଦିନ ରହିବେ? ଆପଣଙ୍କୁ ଲାଗିବ, ତାଙ୍କର ଆପଣଙ୍କ ନିକଟରେ କିଛି କାମ ଅଛି ବୋଧହୁଏ। କେତେ ନମ୍ବର ରୁମ୍? ତଳେ ନା ଉପରେ। ପୁରା ଭୟଙ୍କର ଭାବରେ ଆବଶ୍ୟକ ଥିବ ବୋଲି ଆପଣ ଭାବିବେ। ମୁଁ ଥରେ ଜଣକୁ ପଚାରିଲି, କ'ଣ କିଛି କାମ ଥିଲା? ଉତ୍ତର ଦେଲେ ନାଁ, ଏମିତି ପଚାରୁଥିଲି। ମୁଁ କାବା ହୋଇଗଲି- ସମୟ ନଷ୍ଟ କରିବା ପାଇଁ ଏହାଠାରୁ ବଳି ଆଉ ଉପାଦେୟ କିଛି ନାହିଁ। ଆଉ ଥରେ ଆମେ କୌଣସି ସ୍ଥାନରେ ଏକାଠି ଗପ କରୁଚୁ- ତେଜ ଦା ହଠାତ୍ ଜଣକର ପାଟିକୁ ମାଡ଼ି ବସିଲେ। ଆମେ ହଠାତ୍ ଛାନିଆଁ ହୋଇଗଲୁ। ତା'ପରେ ତେଜ ଦା କହିଲେ କ'ଣ ପଚାରୁଥିଲ, ମୁଁ କେବେ ଫେରିବି?

ସେ ବ୍ୟକ୍ତିଟି କହିଲେ ଦାଦା- ମୁଁ ଆଦୌ ଆପଣଙ୍କୁ ସେ କଥା ପଚାରିନଥାନ୍ତି। ଦାଦା କହିଲେ ତୁମେ ଯେମିତି ଖପ୍ ଖପ୍ ହୋଇ ମୋ ଆଡ଼କୁ ମାଡ଼ି ଆସିଲ, ମୁଁ ଜାଣିଲି, ପ୍ରଥମ ପ୍ରଶ୍ନଟି ତୁମେ ଜାଣିଚ- ଏକା ଟ୍ରେନ୍‌ରେ ଆସିଚୁ। ମାତ୍ର ଦ୍ୱିତୀୟଟି ଅର୍ଥାତ୍ କେବେ ଫେରିବି- ସେ କଥା ପଚାରିବାକୁ ଆସୁଥିଲ ବୋଲି ଭାବିଲି। କ'ଣ କିଛି କାଟିଲା କି ? ଆମେ ସମସ୍ତେ ହସି ଉଠିଲୁ।

ଏମିତି ଦିନରେ ଆମେ କେତେ କେତେ ଯେ ପ୍ରଶ୍ନ କରୁ ତା'ର ଉତ୍ତରର କୌଣସି ଆବଶ୍ୟକତା ନଥାଏ। ଥରେ ଜଣେ ପ୍ରଶ୍ନ କଲେ, ଭାଇ, କେମିତି ଅଛନ୍ତି ? ମୁଁ ଉତ୍ତର ଦେଲି- ତୁମର କ'ଣ ଗଲା ? ସେ ବ୍ୟସ୍ତ ହୋଇ ପଚାରିଲେ- ନାଇଁ ମୁଁ ପଚାରୁଥିଲି ତ ଆପଣ କେମିତି ଅଛନ୍ତି ? ମୁଁ କହିଲି ହଁ, ମୁଁ ବି ଠିକ୍ ତା'ର ଉତ୍ତର ଦେଉଛି- "ଆପଣଙ୍କର କ'ଣ ଗଲା ?" ମୁଁ ଯେମିତି ଥିଲେ ବି ଆପଣ ମୋ ଦାୟିତ୍ୱ ନେଇ ପାରିବେ କି ? ପୁଣି ପ୍ରଶ୍ନ, ନାଇଁ କିଛି ସମସ୍ୟା ଥିଲେ ମା'ଙ୍କୁ ପ୍ରାର୍ଥନା କରିବି। ମୁଁ କହିଲି, ଆଉ ସମସ୍ୟା ନଥିଲେ ? ନଥିଲେ ଆଉ କିଛି କରିବିନି। ମୁଁ କହିଲି, ତୁମେ ଅପେକ୍ଷା କରିଚ ଭାଇଙ୍କର କିଛି ସମସ୍ୟା ହେଉ ତା'ହେଲେ ତୁମେ ମା'ଙ୍କୁ କହିବାକୁ ଗୋଟିଏ ସୁଯୋଗ ପାଇବ। ସେ ଟିକିଏ ଅପ୍ରସ୍ତୁତ ହୋଇପଡ଼ିଲେ। କହିଲେ ନାହିଁ, ଆପଣଙ୍କ ପାଇଁ ତ ସବୁବେଳେ ପ୍ରାର୍ଥନା କରୁ। ଯଦି ପ୍ରାର୍ଥନା କର ତେବେ ପୁଣି ସନ୍ଦେହ କିଆଁ ?

ପୁଣି କେହି କେହି ପଚାରିବେ, ଭାଇ କେମିତି ଅଛନ୍ତି ? ମୁଁ ଉତ୍ତର ଦିଏ "ଗାଡ଼ି ଚାଲିଛି"। ବୁଝି ପାରିବେନି। ଭାଇ, କଣ କହିଲେ, ବୁଝି ହେଲାନି। ମୁଁ କହିଲି, ଗାଡ଼ି ଚାଲିଚି। ସେପଟୁ ପ୍ରଶ୍ନ ଆସିବ, ଓ ଯୋଉ ଇନୋଭା ଗାଡ଼ିଟି କିଣିଥିଲେ, ସେଇଟା କି ? ମୁଁ ଆଉ କ'ଣ କହିବି, ପୁଣି କହିଲି, ତୁମର ଯେମିତି ତୁମ ଗାଡ଼ି ଚାଲିଚି, ମୋର ବି ସେମିତି ମୋ ଗାଡ଼ି ଚାଲିଚି ଅର୍ଥାତ୍ ଜୀବନ ରୂପକ ଗାଡ଼ି। ଓହୋ !

ଅନେକ ବ୍ୟକ୍ତି ଅଛନ୍ତି, ମିଥ୍ୟା ଶୁଣିବାରେ ତାଙ୍କୁ ଆନନ୍ଦ ଲାଗେ। ଆପଣଙ୍କୁ ଯେତେବେଳେ କେହି ପଚାରେ ଆପଣ କେମିତି ଅଛନ୍ତି, ଆପଣ ତୁରନ୍ତ ଉତ୍ତର ଦିଅନ୍ତି, ଭଲ ଅଛି। କିମ୍ବା କ'ଣ ଭାଇ, ଭଲ ଅଛନ୍ତି ? ଉତ୍ତର ହେଲା, ହଁ। ଆମେ ଜାଣୁ ସଂସାରରେ କେହିବି ବ୍ୟକ୍ତି ଭଲ ନଥାନ୍ତି। ମାତ୍ର ଆମେ ପଚାରିଲେ ସମସ୍ତେ ହଁ ବୋଲି କୁହନ୍ତି। ଶୁଣିଲେ ଆମର କିଛି ବି ଆବଶ୍ୟକତା ପୂରଣ ହୁଏନାହିଁ। ଆଉ ନାଁ କହିଲେ ବି ଆମେ କିଛି କରିପାରିବୁନି। ଏମିତି ଅଯଥା କଥାରେ ଆମେ ନିଶ୍ଚୟ ଆମର ଆଉ ଅନ୍ୟର ଅନେକ ସମୟ ନଷ୍ଟ କରୁ।

ଥରେ ଜଣେ ଭଦ୍ର ମହିଳା ଗୋଟିଏ ଗୋଷ୍ଠୀରେ ବସି ଆଲୋଚନା କରୁଥିଲେ।

ଗୋଟିଏ ହାସ୍ୟ ରସର ପରିବେଶ ଥିଲା। ହଠାତ୍ ଜଣେ ଆସି ପଚାରିଲେ କିରେ ମା-ତୋ ଦେହ କିପରି ଅଛି ? ସେ ଭେଁ କରି କାନ୍ଦି ଉଠିଲେ। ଅର୍ଥାତ୍ ହାସ୍ୟ ରସର ପରିବେଶ ହଠାତ୍ କରୁଣ ହୋଇଗଲା। ସେ ବିଚରା ସମସ୍ତଙ୍କ ଭିତରେ ଥାଇ ନିଜ ଦେହ କଥା ଭୁଲି ଯାଇଥିଲେ। ମାତ୍ର ମନେପକାଇବା କାରଣରୁ କାନ୍ଦିଉଠିଲେ। ଏଭଳି ବି ସମ୍ଭବ। ଆମେ କାହାର ଭଲ ମନ୍ଦ ଜିଜ୍ଞାସା କରି ସେମାନଙ୍କୁ ଆହୁରି ଦୁଃଖୀ କରିପକାଉ।

ଆମେ ମଧ୍ୟ ଅଭ୍ୟାସ କରିବା ଯେପରି କାହାରି ଆଗରେ ଆମର ଦୁଃଖ ନ କହିବା ପାଇଁ। ଯଦି କହିବା କେବଳ ମା'ଙ୍କୁ କହିବା, ନଚେତ୍ ତୁମେ ଯେତେଜଣଙ୍କୁ ତୁମ ଦୁଃଖ କଥା କହିବ ସେମାନଙ୍କ ମଧ୍ୟରୁ ପ୍ରାୟ ୭୦% ଟିକେ ବି ବ୍ୟସ୍ତ ହେବେନି କିମ୍ବା କିଛି ବି ପ୍ରତିକ୍ରିୟା ପ୍ରକାଶ କରିବେ ନାହିଁ। ଆଉ ୩୦% ଖୁସୀ ହେବେ। ଭଲ ହୋଇଛି, ଆମର ଅସୁବିଧା ପଡିଥିବା ବେଳେ କେତେ ସେ ସାହାଯ୍ୟ କରିଥିଲା ?

ତେଣୁ ଏ ସମ୍ପର୍କରେ ମଧ୍ୟ ସଚେତନ ହେବା। ପ୍ରକୃତ କଥା ହେଲା, ଅନେକ ଅନାବଶ୍ୟକ କଥା କହି ଆମେ ନିଜର ଅନେକ ଶକ୍ତି କ୍ଷୟ କରୁ ଏବଂ ଅନ୍ୟମାନଙ୍କର ମଧ୍ୟ ସମୟ ନଷ୍ଟ କରୁ ଏବଂ ପରିବେଶକୁ ମଧ୍ୟ ଶବ୍ଦ ପ୍ରଦୂଷଣରେ ସାହାଯ୍ୟ କରୁଚୁ। ଏଥିରୁ କ୍ଷାନ୍ତ ହେବାପାଇଁ ସଚେତନ ହେବା ଉଚିତ୍।

**ପ୍ରସାଦ ତ୍ରିପାଠୀ**

●

## ଏକ ବିଶେଷ ସୂଚନା

ଓଡ଼ିଶାର ବିଭିନ୍ନ ଜୋନ୍ ତଥା ଜିଲ୍ଲାମାନଙ୍କରୁ ଆଜିକାଲି ଅନେକ ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ପତ୍ର ମିଳୁଛି। ଏହା ନିଶ୍ଚୟ ଏକ ଅତ୍ୟନ୍ତ ଶୁଭ ଲକ୍ଷଣ। ମାତ୍ର ଦେଖାଯାଉଛି ଯେ କେତେଗୁଡ଼ିଏ ପତ୍ରରେ ବିବରଣୀ ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଲେଖାଯାଇ ନଥିବା କାରଣରୁ ଆମେ ବ୍ୟକ୍ତିଙ୍କ ନାମ, କାର୍ଯ୍ୟକ୍ରମ, ଗ୍ରାମର ନାମ ପ୍ରଭୃତି କିଛି ବୁଝି ପାରୁନାହୁଁ। ତେଣୁ ଆପଣମାନଙ୍କୁ ଅନୁରୋଧ ଆମ ପାଖକୁ ସମାଚାର ପଠାଇଲାବେଳେ :

୧) ଅତ୍ୟନ୍ତ ସ୍ୱଷ୍ଟ ଭାବରେ ଲେଖିକରି ଦିଅନ୍ତୁ।

୨) ବ୍ୟକ୍ତିମାନଙ୍କର ସମ୍ପୂର୍ଣ୍ଣ ନାମ ଲେଖନ୍ତୁ।

***ପରିଚାଳକ***

# ସୁବର୍ଣ୍ଣ ଜୟନ୍ତୀ

ଏବେ ଆମ ରାଜ୍ୟର ଅନେକ ଅନୁଷ୍ଠାନରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉଅଛି। ଯେଉଁ ଯେଉଁ ଅନୁଷ୍ଠାନ ସବୁ ୧୯୭୫ ମସିହା ପୂର୍ବରୁ ଖୋଲିସାରିଥିଲେ, ସେମାନେ ଏବେ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛନ୍ତି। ପୁଣି ପାଠଚକ୍ରର ସୁବର୍ଣ୍ଣ ଜୟନ୍ତୀ ଆଗ ଏବଂ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ତା'ପରେ। କାରଣ ପରେ ସ୍କୁଲ ଆରମ୍ଭ ହୋଇଥିଲା। ତେଣୁ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଅପେକ୍ଷାକୃତ ପରେ।

ତେବେ ଯାହା ହେଉ ଏହି ସୁବର୍ଣ୍ଣ ଜୟନ୍ତୀ ପାଳନର ବିଭିନ୍ନ ଦିଗ ସମ୍ପର୍କରେ ଆମେ ଏହି ଅବକାଶରେ କିଛିଟା ଆଲୋଚନା କରିବା। ଏହି ପଚାଶ ବର୍ଷଟି କ'ଣ ? ବାସ୍ତବିକ ଏହା କେବଳ ଏକ ସଂଖ୍ୟା ନୁହେଁ। ଆମେ ଏତେଦିନ ଧରି ଅନୁଷ୍ଠାନ ସହିତ ଜଡ଼ିତ ଅଛୁ ଏବଂ ସଙ୍କଳ୍ପ ନେଇଥିବା ଏକ ନୂତନ ଜୀବନ ବଞ୍ଚିବାର ଯେଉଁ କାର୍ଯ୍ୟ ତାହା କେତେଦୂର ଅଗ୍ରସର କରିଅଛି। ନିଜକୁ, ନିଜ ଅନୁଷ୍ଠାନକୁ, ନିଜ ପରିବାରକୁ ପୂରା ଖିନ୍‌ଭିନ୍ କରି ସମୀକ୍ଷା କରିବାକୁ ହେବ, ଏହି ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ। ପଚାଶ ବର୍ଷ ମୁଁ କେବଳ ଏହି ଅନୁଷ୍ଠାନ ସହିତ ସମ୍ବନ୍ଧିତ ଥିଲି ନା ତା' ମାଧ୍ୟମରେ ନିଜକୁ କିଛିଟା ସଚେତନ କରିବାପାଇଁ ଚେଷ୍ଟା କରିଛି।

ଏହା ମଧ୍ୟରେ ଖଣ୍ଡଗିରି, ରାଉରକେଲା, ଗୋପୀନାଥପୁର ପ୍ରଭୃତି ଅନେକ ସ୍ଥାନରେ ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଇ ସାରିଲାଣି। ପୁଣି କେନ୍ଦୁଝର, ପୁରୀ ପ୍ରଭୃତି ସ୍ଥାନରେ ମଧ୍ୟ ପ୍ରବଳ ଆଗ୍ରହର ସହିତ ଏଥିପାଇଁ ପ୍ରସ୍ତୁତି ଚାଲିଛି। ଆସନ୍ତା ବର୍ଷକୁ ବରହମପୁର, କଟକ ମାତୃଭବନରେ ମଧ୍ୟ ସୁବର୍ଣ୍ଣ ଜୟନ୍ତୀ ପାଳନ ହେବ। ଏସବୁ ଅତି ଉତ୍ତମ କଥା। ମାତ୍ର ପ୍ରକୃତ ସୁବର୍ଣ୍ଣ ଜୟନ୍ତୀରେ ଆମେ କ'ଣ କରିବା ଉଚିତ। ଯଦି ସଂଖ୍ୟା ଦେଖାଯାଏ ତେବେ ୫୦ କାହିଁକି ଗୁରୁତ୍ୱପୂର୍ଣ୍ଣ, ୪୯ କାହିଁକି ନୁହେଁ। ସେହିପରି ପ୍ରତ୍ୟେକ ସଂଖ୍ୟାର ମଧ୍ୟ ଏକ ଗୁରୁତ୍ୱ ରହିଛି। ମାତ୍ର ୫୦ ଏକ ସାର୍ବଜନୀନ ସ୍ୱୀକୃତ ଗୁରୁତ୍ୱପୂର୍ଣ୍ଣ ସଂଖ୍ୟା ହୋଇଥିବାରୁ ତାକୁ ପ୍ରାୟତଃ ପାଳନ କରାଯାଏ।

ତେବେ ଯାହାହେଉ ପଛକେ, ୫୦ ବର୍ଷ ବେଶ୍ କିଛି ଦୀର୍ଘ ସମୟ। ସାଧନା ଦୃଷ୍ଟିରୁ ମଧ୍ୟ ଏହାର ଗୁରୁତ୍ୱ ଅନେକ। ଆମେ ମା'ଙ୍କୁ ଜାଣିବାର ୫୦ ବର୍ଷ, ପ୍ରଥମ ପଣ୍ଡିଚେରୀ ଯିବାର ୫୦ ବର୍ଷ, ଆମ ଅନୁଷ୍ଠାନର ଶୁଭ ଦିଆଯିବାର ୫୦ ବର୍ଷ ପ୍ରଭୃତି ଅନେକ ଘଟଣାର ୫୦ ବର୍ଷ ମଧ୍ୟ ପାଳନ କରିପାରିବା। ମାତ୍ର ତାହା ଅଧିକାଂଶ କ୍ଷେତ୍ରରେ ୫୦ ବର୍ଷ ଅତିକ୍ରମ କରିବାର ଏକ ଗର୍ବ ବା ଅହଂକାରକୁ ପ୍ରକାଶ କରେ। ମାତ୍ର

ତାହା ହେବା ଉଚିତ୍ ଏକ କୃତଜ୍ଞତାର ସହିତ ସମୀକ୍ଷା ।

୧. ଏହି ପଚାଶ ବର୍ଷ ମଧ୍ୟରେ ମୁଁ କିଛି ସ୍ୱତନ୍ତ୍ର ଅଭିଜ୍ଞତା ହାସଲ କରିଛି କି ?

୨. ଏହି ପଚାଶ ବର୍ଷ ମୋତେ ମୋ ନିଜକୁ ଚିହ୍ନିବାକୁ କିଛି ସାହାଯ୍ୟ କରିପାରିଛି କି ?

୩. ଏହି ପଚାଶ ବର୍ଷ ମଧ୍ୟରେ ମୁଁ ମୋ ନିଜର ପରିବର୍ତ୍ତନ ପାଇଁ କିଛିଟା ଅଗ୍ରଗତି କରିପାରିଛି କି ?

୪. ଏହି ପଚାଶ ବର୍ଷ ମଧ୍ୟରେ ମୋର ଚରିତ୍ରର ସବୁଠାରୁ ମନ୍ଦ ଦିଗ ବୋଲି ଯାହାକୁ ମୁଁ ବିଶ୍ୱାସ କରେ, ତା' ଉପରେ କିଛିଟା କର୍ତ୍ତୃତ୍ୱ ହାସଲ କରିପାରିଛି କି ?

୫. ଏହି ପଚାଶ ବର୍ଷ ମଧ୍ୟରେ ମୋର ବ୍ୟକ୍ତିଗତ ସାଧନା ସମ୍ପର୍କରେ ମୁଁ କିଛି ସଚେତନ ହୋଇପାରିଛି କି ?

୬. ଏହି ପଚାଶ ବର୍ଷ ମଧ୍ୟରେ ଆମ ଅନୁଷ୍ଠାନର ଅନ୍ତର୍ନିହିତ କିଛି କିଛି ସମସ୍ୟାର ଏକ ଆଧାତ୍ମିକ ସମାଧାନ ହୋଇପାରିଛି କି ?

୭. ଅନୁଷ୍ଠାନରେ କାମ କରୁଥିବା ସମସ୍ତ ଅପା/ଭାଇଙ୍କ ମଧ୍ୟରେ କିଛି ସଚେତନତା ଅନୁଭବ କରି ହୋଇଛି କି ?

୮. ଅଭିଭାବକମାନଙ୍କୁ ଆମେ ମା'ଙ୍କ ଚିନ୍ତାଧାରା ସହିତ ସମ୍ପୃକ୍ତ କରିପାରିଚୁ କି ?

୯. ଆମ ଶିକ୍ଷାକେନ୍ଦ୍ରରୁ ଉତ୍ତୀର୍ଣ୍ଣ ହୋଇ ସ୍କୁଲ ଛାଡୁଥିବା ଛାତ୍ରଛାତ୍ରୀମାନେ ସ୍କୁଲରୁ ଆଉକିଛି ନିଅନ୍ତୁ ବା ନନିଅନ୍ତୁ ମା'ଙ୍କୁ ସାଙ୍ଗରେ ନେଇଯାଉଛନ୍ତି କି ?

୧୦. ସର୍ବୋପରି ମୁଁ ନିଜେ ନିଜକୁ କେତେ ମାତ୍ରାରେ ପରିବର୍ତ୍ତନ କରିପାରିଛି !

ହୁଏତ ଏ ସବୁ ପ୍ରଶ୍ନର ଉତ୍ତର କେବେହେଲେ ଏକ ସକାରାତ୍ମକ ନ ହୋଇପାରେ । ଏପରିକି କେତେଗୁଡ଼ିଏ ପ୍ରଶ୍ନର ଉତ୍ତର ଖୋଜିବା ମଧ୍ୟ ଆମପାଇଁ ଅତ୍ୟନ୍ତ କଷ୍ଟକର ଲାଗିପାରେ ମାତ୍ର ଯଦି ଏ ସବୁ ସତ୍ତ୍ୱେ ମଧ୍ୟ ଆମେ ଅନ୍ତତଃ ଅଳ୍ପ କେତୋଟି ପ୍ରଶ୍ନର ଉତ୍ତର ସକାରାତ୍ମକ ପ୍ରଦାନ କରୁ ଯେପରିକି "ଯଦିଓ ସେତେଟା ସମ୍ଭବ ହୋଇନାହିଁ, ତଥାପି ମୁଁ ପ୍ରଚେଷ୍ଟା ଜାରି ରଖିଛି" । ଅତ୍ୟନ୍ତ ନିଷ୍ଠାପର ଏବଂ ସଚ୍ଚୋଟ ଭାବରେ ଆମେ ଯଦି ଏ ପ୍ରଶ୍ନର ଉତ୍ତର ଖୋଜିବସୁ ତେବେ ମଧ୍ୟ ତାହା ଆମପାଇଁ ସାଧନା ହେବ ।

ଭାଇ ଭଉଣୀମାନେ, ଖୁବ୍‌ବେଶୀ ଆଲୋଚନା କରି ଅନେକ ଅର୍ଥବ୍ୟୟ କରି, ସମାଜର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନଙ୍କୁ ନିଷ୍ଠାପର ଭାବରେ ନିମନ୍ତ୍ରଣ କରି ଆମେ ଯଦି ସୁବର୍ଣ୍ଣ ଜୟନ୍ତୀକୁ ଅଧିକ ଗୌରବମୟ କରିପାରିବା ବୋଲି ଭାବୁଥାଉ, ତା' କେବେହେଲେ ସମ୍ଭବ ହେବ ନାହିଁ । କାରଣ ସୁବର୍ଣ୍ଣ ଜୟନ୍ତୀ କୌଣସି ରାଜନୈତିକ ସଙ୍ଗଠନ କିମ୍ବା ସାମାଜିକ କମ୍ବା ସଂସ୍କୃତିକ ଅନୁଷ୍ଠାନର ନୁହେଁ । ଏହା ହେଲା ଅଧ୍ୟାତ୍ମପୀପାସୁ କିଛି ବ୍ୟକ୍ତିଙ୍କର ଅନ୍ତର୍ନିହିତ ପ୍ରେରଣାର ଏକ ପ୍ରକାଶ । ଯଦି ଆମେ ଏହା ବାସ୍ତବରେ ଅନୁଭବ କରିପାରୁ ତେବେ ନିଶ୍ଚୟ ଆମର ସୁବର୍ଣ୍ଣ ଜୟନ୍ତୀ ପାଳନର ମୂଲ୍ୟ ରହିବ । ନଚେତ୍ ଏହା ଅନ୍ୟ ଏକ ଗନ୍ଧହୀନ ଆଡମ୍ବରପୂର୍ଣ୍ଣ କାର୍ଯ୍ୟକ୍ରମ ହିଁ ହେବ ।

***ପ୍ରସାଦ ତ୍ରିପାଠୀ***

# ସଙ୍ଗଠନ ସମାଚାର

**ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମଃ-** ସେପ୍ଟେମ୍ବର ୧୪ ଓ ୧୫ ତାରିଖ ଦୁଇଦିନ ଧରି କଟକ ସାରଳା ଭବନ (ତୁଳସୀପୁର କଟକସ୍ଥିତ ବିଜୁ ପଟ୍ଟନାୟକ ଛକ)ଠାରେ ୩୬ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍‌ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ "ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସଚେତନତା", "ସୁମନ୍ ସ୍ୱେଚ୍ଛାସେବକମାନଙ୍କ ମଧ୍ୟରେ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟର ସଚେତନତା", "ବିକଶିତ ହେବା ପାଇଁ ସୁସ୍ଥମୟ ଜୀବନ" ବିଷୟ ଅନ୍ତର୍ଗତ "ଖାଦ୍ୟ, ବିଶ୍ରାମ, ସଚେତନ ବ୍ୟାୟାମ, ସଚେତନ ନିଦ୍ରା, ସ୍ୱପ୍ନ, ଧ୍ୟାନ ଓ ନାମଜପ, ଯୋଗାସନ ଓ ପ୍ରାଣାୟମ, ବିକଶିତ ଚେତନା", "ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ-ରୂପାନ୍ତର ନିମନ୍ତେ ଏକ ସ୍ପ୍ରିଙ୍ଗ ବୋର୍ଡ", "ଜଡ଼ର ସ୍ୱାସ୍ଥ୍ୟ-ସାମଗ୍ରିକ ବିଚାର", "ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ ଏବଂ ରୂପାନ୍ତର ସମ୍ବନ୍ଧରେ ସ୍ୱାସ୍ଥ୍ୟକର୍ମୀମାନଙ୍କର ଧାରଣା", "ମହିଳାମାନଙ୍କ ପୂର୍ଣ୍ଣାଙ୍ଗ ସ୍ୱାସ୍ଥ୍ୟ", "ବିଦ୍ୟାଳୟ ସ୍ୱାସ୍ଥ୍ୟ ସୁବିଧା ପ୍ରାପ୍ତିର ଉପାୟ ଏବଂ ସୁମନ ସ୍ୱେଚ୍ଛାସେବକମାନଙ୍କର ପ୍ରଶିକ୍ଷଣ" ବିଷୟଗୁଡିକ ସମ୍ପର୍କରେ ଡ. ପ୍ରଶାନ୍ତ କୁମାର ପାତ୍ର, ଡ. ଶୁଭକାନ୍ତ ସାହୁ, ଡ. ଜ୍ୟୋତିରଞ୍ଜନ ଚମ୍ପତିରାୟ, ଡ.ରମା ଦଳାଇ, ଡ. ଲଗ୍ନଜିତ୍ ଦାଶ, ଡ. ବିଜୟ କୁମାର ସାହୁ, ପ୍ରସାଦ ତ୍ରିପାଠୀ, ଡ. ସଂଘମିତ୍ରା ପଣ୍ଡା, ଡ. ସୀମା ପରିଜା, ଡ. ବିଜୟିନୀ ମହାପାତ୍ର, ଡ. ବିପିନାନନ୍ଦ ମିଶ୍ର, ଡ. ମଦନ ମୋହନ ପ୍ରଧାନ, ଡ. କିଶୋର ଚନ୍ଦ୍ର ମହାପାତ୍ର, ସରୋଜ କୁମାର ପାଣିଗ୍ରାହୀ, ଡ. ମଧୁସ୍ମିତା ପ୍ରଧାନ, ଡ. ଲତିକା ବେହେରା, ଡ. ଶ୍ରଦ୍ଧା ଶତପର୍ବା ଦାଶ, ଡ: ଜିଜ୍ଞାସା ସାହାଣୀ, ପଦ୍ମଲୋଚନ ପୋଥାଳ, ଯଶସ୍ୱିନୀ ରାୟ, ମନୀଷା ତେୱାଡି, ଡ. ଅମ୍ବୁଜାକ୍ଷ ବେହେରା, ଡ. ଅଭୀପ୍ସା ରଥ, ଡ. ପ୍ରଶାନ୍ତ କୁମାର ନନ୍ଦ, ଡ:ଧନେଶ୍ୱର ପ୍ରଧାନ, ଡ. ବିରଞ୍ଚି ନାରାୟଣ ମହାପାତ୍ର, ଡ. ଅର୍ପିତା ପ୍ରିୟଦର୍ଶିନୀ, ଡ. ମାନସୀ ପଣ୍ଡା, ଡ. ଲୁସି ଦାସ, ଡ. ଜୟନ୍ତ କୁମାର ପଣ୍ଡା, ଡ. ଲାଲମୋହନ ନାୟକ, ଡ: ହେମଲତା ସ୍ୱାଇଁ, ଡ: ଜୟଶ୍ରୀ ପଟ୍ଟନାୟକ, ଡ. ସଞ୍ଜୟ ସ୍ୱାଇଁ, ଡ: ସିନ୍ଧୁନନ୍ଦିନୀ ତ୍ରିପାଠୀ, ଡ: ନିତ୍ୟାନନ୍ଦ ସ୍ୱାଇଁ, ଡ. ସୁଧୀର ବ୍ରହ୍ମା ପ୍ରମୁଖ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ବାହାରୁ ଡ: ସୌମିତ୍ର ବସୁ, ଡ: ଭାଲେନ୍ଦୁ ବୈଷ୍ଣବ, ଡ: ସ୍ମୃତି ବୈଷ୍ଣବ, ଡ: ଯୋଗେଶ ମୋହନ, ଡ: ସମ୍ପଦାନନ୍ଦ ମିଶ୍ର ତଥା

ଓଡିଶାର ବିଶିଷ୍ଟ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ। ପରିଶେଷରେ "ଭବିଷ୍ୟତ ପାଇଁ ପ୍ରସ୍ତୁତି" ସମ୍ପର୍କରେ ପ୍ରସାଦ ତ୍ରିପାଠୀ, ଡ. ବିଜୟ କୁମାର ସାହୁ, ଡ. ପ୍ରଶାନ୍ତ କୁମାର ପାତ୍ର, ସୁରେଶ କୁମାର ମିଶ୍ର, ଶଶୀକାନ୍ତ ଭୋଇ, ପ୍ରଫୁଲ୍ଲ କୁମାର ପଣ୍ଡା, ମଦନ ମୋହନ ଦାନୀ, ସୁକାନ୍ତ କୁମାର ଜେନା, ମାୟାଧର ସାହୁ, ଡମ୍ବରୁଧର ସାହୁ, ଅକ୍ଷୟ କୁମାର ବିଶ୍ୱାଳ ଆଲୋଚନା କରିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ପରମହଂସ ପ୍ରଜ୍ଞାନନନ୍ଦଜୀଙ୍କ ଏକ ଭିଡିଓ ପ୍ରଦର୍ଶନ କରାଯାଇଥିଲା, ଡ. ଶ୍ୟାମା କାନୁନଗୋଙ୍କ ଦ୍ୱାରା ବିବରଣୀ ପାଠ, ଡ. ବାଦଲ କୁମାର ମହାନ୍ତି "ଶ୍ରୀଅରବିନ୍ଦ ମେଡିକାଲ ଆସୋସିଏସନ୍" ସମ୍ପର୍କରେ ମନ୍ତବ୍ୟ ପ୍ରଦାନ କରିଥିଲେ ଏବଂ ଡ. ପ୍ରଶାନ୍ତ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶାର ବହୁ ମାତୃକର୍ମୀମାନେ ଯୋଗଦାନ କରିଥିଲେ।

### ଆସ୍ପୃହା ମଣ୍ଡଳ

**ଗଜପତି ଜିଲ୍ଲା-** ... ୧୫.୮.୨୫ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଅବସରରେ ସେବକପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୦.୯.୨୫ରିଖ ପାରଳାଖେମୁଣ୍ଡି ସାଇ ନଗରଠାରେ ନୃସିଂହ ଚରଣ ପଟନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବିଭୁ କୃପା ଓ ମିଥ୍ୟାବୃତ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ଅଗଷ୍ଟ ୨୩, ସେପ୍ଟେମ୍ବର ୬ ଓ ୧୩ ତାରିଖରେ ପାରଳାଖେମୁଣ୍ଡିସ୍ଥିତ ଗୀତାଞ୍ଜଳି ଦାସ, ମାତୃପୀଠସ୍ଥିତ ଉନ୍ନା ସିମାଞ୍ଚଳ ଓ ଗଣେଶ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୪.୮.୨୫ ନାରାୟଣପୁରସ୍ଥିତ ପ୍ରକାଶ ରଣା ଓ ଅଡବାସ୍ଥିତ ସୁବ୍ରତ କୁମାର ଦଳାଇଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୩୦.୮.୨୫ ପାଢି ସାହିଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୩୦.୮.୨୫ରେ କବିଚନ୍ଦ୍ର ସାହିସ୍ଥିତ ଗଙ୍ଗାଧର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "କୃପାର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୭.୯.୨୫ରେ ରାଣୀ ପଦ୍ମାବତୀ ସାହିସ୍ଥିତ ଉନ୍ନା ସିମାଞ୍ଚଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଈଶ୍ୱର କୃପା" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୩.୯.୨୫ ପାରଳାଖେମୁଣ୍ଡିସ୍ଥିତ ଗଣେଶ ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର

ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବିଭୁ କୃପା ଓ ମିଥ୍ୟାବୃତ୍ତି" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୪.୯.୨୫ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପୂର୍ଣ୍ଣପୀଠ ଓ ମାତୃପୀଠରେ ଶିକ୍ଷକ ଅପା, ଭାଇ ଓ କମିଟି ସଭ୍ୟ ସଭ୍ୟାଙ୍କ ଦ୍ୱାରା ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ପୂର୍ଣ୍ଣାଙ୍ଗ ଶିକ୍ଷାର ଅଗ୍ରଗତିରେ ମୋର ଭୂମିକା" ବିଷୟରେ ଆଲୋଚନା କରାଯାଇଥିଲା।

**ଗଞ୍ଜାମ:–** ଅଗଷ୍ଟ ୩୦ ଓ ସେପ୍ଟେମ୍ବର ୧୩ ତାରିଖରେ ପୋଲସରା ବ୍ଲକ୍ ଅନ୍ତର୍ଗତ ଉତ୍ତାପଡା ଗ୍ରାମସ୍ଥିତ ଦିବାକର ସ୍ୱାଇଁ ଓ କୁମୁଦ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଗୌରୀ ରାଉତ ଓ ସରୋଜିନୀ ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୀତାଞ୍ଜଳି ପ୍ରଧାନ "ଜୀବନ ଆଉ ସାଧନା", ସରୋଜିନୀ ପ୍ରଧାନ "ମା'ଙ୍କ ଉପରେ ନିର୍ଭରତା", ସୁଲତା ରାଉତ "ଦିବ୍ୟ କରୁଣା" ଓ ଗୌରୀ ରାଉତ "ଦିବ୍ୟକର୍ମ ଓ କର୍ମୀ" ବିଷୟରେ ଆଲୋଚନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ସତ୍ୟଭାମା ସ୍ୱାଇଁ, ଶଶୀ ସ୍ୱାଇଁ, ଲକ୍ଷ୍ମୀ ସ୍ୱାଇଁ, ପୁଷ୍ପା ସ୍ୱାଇଁ ଓ କଳାବତୀ ସ୍ୱାଇଁ ସହଯୋଗ କରିଥିଲେ।... ୧୬.୯.୨୫ରେ ପୋଲସରା ବ୍ଲକସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ବାର୍ଷିକୋତ୍ସବ ସୁଲତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକାନ୍ତ ମିଶ୍ର "ଶ୍ରୀଅରବିନ୍ଦ ପାଠଚକ୍ରର ମହତ୍ତ୍ୱ ଓ ଦୈନନ୍ଦିନ ଜୀବନରେ ଏହାର ଭୂମିକା" ଓ ରତ୍ନପ୍ରଭା ଦାସ "ଦିବ୍ୟ ଜୀବନ ପାଇଁ ଆସ୍ପୃହା" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସୁବାସ ଚନ୍ଦ୍ର ସାହୁ କୃତଜ୍ଞତା ଜ୍ଞାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସନ୍ତୋଷ କୁମାର ବେହେରା, ମୃତ୍ୟୁଞ୍ଜୟ ଜେନା, ପ୍ରମୋଦ ଚନ୍ଦ୍ର ସାହୁ, ଶଶି ସ୍ୱାଇଁ, ସରୋଜିନୀ ପ୍ରଧାନ, ଅଭିମନ୍ୟୁ ପ୍ରଧାନ, ବନିତା ସାହୁ ପ୍ରମୁଖ ସହଯୋଗ କରିଥିଲେ।... ୧୭.୯.୨୫ରେ ଶ୍ରୀଅରବିନ୍ଦ ଶକ୍ତିପୀଠ, ଭଞ୍ଜନଗରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅସନ୍ତୁଷ୍ଟ ମଣିଷ" ସମ୍ପର୍କରେ ରତ୍ନପ୍ରଭା ଦାସ ଓ "ରୂପାନ୍ତରର ପ୍ରଭୁ- ଶ୍ରୀଅରବିନ୍ଦ" ସମ୍ପର୍କରେ ରାଧାକାନ୍ତ ମିଶ୍ର ଆଲୋଚନା କରିଥିଲେ।

### ଆସ୍ଥା ମଣ୍ଡଳ

**ବାଲେଶ୍ୱର:–** ଅଗଷ୍ଟ ୨୨, ୨୩, ୨୫, ୨୬, ୨୭ ଓ ୨୯ ତାରିଖରେ ଜଳେଶ୍ୱରସ୍ଥିତ ଲଳିତ ରଞ୍ଜନ ସେନାପତି, କାଳିକସ୍ଥିତ ଉତ୍ତମ କୁମାର ବିଶ୍ୱାଳ, ଆରୁହାସ୍ଥିତ ସନ୍ଧ୍ୟାରାଣୀ ଦାସ ମହାପାତ୍ର,

ଗ୍ରାଲନ୍ତିସ୍ଥିତ ଅନୀମା ଦେ', ଜଳେଶ୍ୱରସ୍ଥିତ ଅବନୀ ଗ୍ରନ୍ଦ, ପଥରପୁରାସ୍ଥିତ କାଳୀପଦ ମହାନ୍ତି ପ୍ରମୁଖଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୁକ୍ତା ପ୍ରଧାନ, ସୁଷମା ଭୂୟାଁ, ପ୍ରଫୁଲ୍ଲ କୁମାର ଦେ, ପ୍ରଦୀପ କୁମାର ଜେନା, ଗଙ୍ଗାନାରାୟଣ ପ୍ରଧାନ, ଧୀରେନ୍ଦ୍ର ପ୍ରଧାନ, ନିଶିକାନ୍ତ ପ୍ରଧାନ, ରଞ୍ଜିତା ଗିରି, ଲକ୍ଷ୍ମୀଧର ଦେ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୩୧.୮.୨୫ରେ ଶେଖବାଡସ୍ଥିତ ଧୀରେନ୍ଦ୍ର ପ୍ରଧାନ ଓ ଶାନ୍ତିଆସ୍ଥିତ ସୀତାଂଶୁ ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଞ୍ଜୁକ୍ତା ପ୍ରଧାନ, ଦେବ ପ୍ରସାଦ ଜେନା, ସୁଧୀର କୁମାର କର, ସତ୍ୟଜିତ୍ ମହାନ୍ତି ଓ ଦୟାନିଧି ପାତ୍ର ଅଂଶଗ୍ରହଣ କରିଥିଲେ।... ୧.୯.୨୫ରେ ପଞ୍ଚୁଘଣ୍ଟାସ୍ଥିତ ଅଶ୍ୱିନୀ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ନିଶିକାନ୍ତ ଗିରି, ଗଙ୍ଗାନାରାୟଣ ପ୍ରଧାନ ଓ ସଞ୍ଜୁକ୍ତା ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୫.୯.୨୫ରେ ଶ୍ରୀଅରବିନ୍ଦ ଯୋଗମନ୍ଦିର, ଜଳେଶ୍ୱରଠାରେ "ଦିବ୍ୟଜୀବନ" ପୁସ୍ତକରୁ କିଛି ପାଠ କରି କଳ୍ପତରୁ ପାତ୍ର ଆଲୋଚନା କରିଥିଲେ।... ୭.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବର୍ଦ୍ଧନାଠାରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମଣ ସେନାପତି, ବୈଦ୍ୟ ବେହେରା, ଧୀରେନ୍ଦ୍ର ପ୍ରଧାନ, ନରେନ୍ ବାରିକ, ସଞ୍ଜୟ ସିଂ, ବାଣୀ ରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୮.୯.୨୫ରେ ଜୁଣ ବଳଦାସ୍ଥିତ ଉପେନ୍ଦ୍ର ଦଳେଇଙ୍କ ବାସଭବନରେ ନିଷ୍ଠା ପାଠଚକ୍ରର ୧୯ତମ ବାର୍ଷିକୋତ୍ସବରେ "ପଥ ଦୁର୍ଗମ କିନ୍ତୁ ଅସମ୍ଭବ ନୁହେଁ" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର, ସଞ୍ଜୁକ୍ତା ପ୍ରଧାନ, ପ୍ରଦୀପ ସାମଲ ଓ ଲକ୍ଷ୍ମଣ ସେନାପତି ଆଲୋଚନା କରିଥିଲେ।... ୧୫.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନାମ୍ପୋଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ରୂପାନ୍ତରିତ ଯୋଗରେ ନାମଜପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ସୁଷମା ଭୂୟାଁ, ଧୀରେନ୍ଦ୍ର ପ୍ରଧାନ ଓ ସଞ୍ଜୁକ୍ତା ପ୍ରଧାନ ଅଂଶଗ୍ରହଣ କରିଥିଲେ।... ୧୯.୯.୨୫ରେ ଶାସନବାଡସ୍ଥିତ ଶାନ୍ତିଲତା ଦାସ ମହାପାତ୍ରଙ୍କ ବାସଭବନରେ ସ୍ୱର୍ଗତ ବିମଳେନ୍ଦୁ ଦାସ ମହାପାତ୍ରଙ୍କ ତ୍ରୟୋଦଶ ଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମୃତ୍ୟୁ ଓ ପୁର୍ନଜନ୍ମ" ସମ୍ପର୍କରେ ସନ୍ଧ୍ୟାରାଣୀ ଦାସ ମହାପାତ୍ର, ଧୀରେନ୍ଦ୍ର ପ୍ରଧାନ, ସଞ୍ଜୁକ୍ତା ପ୍ରଧାନ ଓ ସୁଧୀର କୁମାର କର

ଆଲୋଚନା କରିଥିଲେ।... ୨୮.୮.୨୫ରେ ଝାଡିପିମ୍ପଳସ୍ଥିତ ପ୍ରଫୁଲ୍ଲ ଜେନାଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସ୍ମରଣ ରଖ ଏବଂ ସମର୍ପଣ କର" ସମ୍ପର୍କରେ ଧୀରେନ୍ଦ୍ର ପ୍ରଧାନ ଆଲୋଚନା କରିଥିଲେ।... ୩୦.୮.୨୫ରେ ଶ୍ରୀଅରବିନ୍ଦ ଯୋଗମନ୍ଦିର, ଜଳେଶ୍ୱରଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ରରେ ସଞ୍ଜୁକ୍ତା ପ୍ରଧାନ ଓ ସୁଷମା ଭୂୟାଁ ଅଂଶଗ୍ରହଣ କରିଥିଲେ।

**ଭଦ୍ରକ:-** ୨୨.୮.୨୫ରେ ଭଣ୍ଡାରୀପୋଖରୀସ୍ଥିତ ହୃଷିକେଶ ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଭରତଚନ୍ଦ୍ର ନନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦୀନବନ୍ଧୁ ରାଉତ, ମନୋରଞ୍ଜନ ଜେନା, ନଟବର ବାରିକ, ଡମ୍ବରୁଧର ସୂତାର ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୨୯.୮.୨୫ରେ ବନ୍ଧାଳୋସ୍ଥିତ ରାଧାଶ୍ୟାମ ନରେନ୍ଦ୍ରଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥି ସାହୁ ଓ ମନୋରଞ୍ଜନ ଜେନା "ଶ୍ରୀମାଶ୍ରୀଅରବିନ୍ଦ କିଏ ଓ ତାଙ୍କର ଅବତରଣର ଉଦ୍ଦେଶ୍ୟ କ'ଣ" ଓ "ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରିଥିଲେ।... ୩୧.୮.୨୫ରେ ଭଣ୍ଡାରୀପୋଖରୀ ବ୍ଲକର ପଦୀନାରାୟଣପୁରସ୍ଥିତ ପୁରୁଷୋତ୍ତମ ଧଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଟବର ନାୟକ, ରାହାସ ବିହାରୀ ଜେନା ଅଂଶଗ୍ରହଣ କରିଥିଲେ।... ୫.୯.୨୫ରେ ବନ୍ଧାଳୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥୀ ସାହୁ, ହୃଷିକେଶ ମିଶ୍ର, ମନୋରଞ୍ଜନ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧୨.୯.୨୫ରେ ବିରିଡିସ୍ଥିତ ସୁଜିତ କୁମାର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ହୃଷିକେଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଗିରଥୀ ସାହୁ ଓ ହୃଷିକେଶ ମିଶ୍ର "ଶ୍ରୀଅରବିନ୍ଦ ପାଠଚକ୍ରର ଆଭିମୁଖ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୪.୯.୨୫ରେ ଯଶୋଟିଗିରିସ୍ଥିତ ବଂଶୀଧର ଦଳେଇଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ, କାହିଁକି ଓ କିପରି" ଓ "ମା ଓ ଶ୍ରୀଅରବିନ୍ଦ କିଏ" ସମ୍ପର୍କରେ ରାହାସ ବିହାରୀ ଜେନା ଓ ପ୍ରଦୀପ କୁମାର ଜେନା ଆଲୋଚନା କରିଥିଲେ।

**କୃପା:-**

**ଅନୁଗୁଳ:-** ୨୫.୮.୨୫ କିଶୋର ନଗର ବ୍ଲକର ଜାମୁଝରୀ ଗ୍ରାମର ଗୋପିନାଥ ସାହୁଙ୍କ ବାସଭବନରେ ବିଶ୍ୱ ଜନନୀ ପାଠଚକ୍ର ନାମରେ ଏକ ନୂତନ ଶ୍ରୀ ଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହରମୋହନ ସାହୁ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ବିଷୟରେ ଆଲୋଚନା କରିଥିଲେ।... ୩୦.୮.୨୫ରେ ଆଠମଲ୍ଲିକ ଟାଉନଠାରେ ଶ୍ୱେତ ଗୋଲାପ ଶ୍ରୀଅରବିନ୍ଦ ପାଠଚକ୍ରର ୧୬ତମ ବାର୍ଷିକୋତ୍ସବ ନିରୁପମା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅରବିନ୍ଦ ପ୍ରଧାନ ଅନ୍ ଲାଇନ୍ ମାଧ୍ୟମରେ ଯୋଗଦାନ କରିଥିଲେ।... ୩୧.୮.୨୫ରେ କିଆକଟାସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ଆଠମଲ୍ଲିକ ବ୍ଲକର ସାଙ୍ଗଠନିକ ବୈଠକ ଗିରିଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅନୁଗୁଳ, ଆଠମଲ୍ଲିକ, କିଶୋର ନଗର ତଥା ରେଢ଼ାଖୋଲ ଅଞ୍ଚଳର ଅପା ଭାଇମାନେ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହିମାଞ୍ଚଳ ପ୍ରଧାନ ସ୍ୱାଗତ ଭାଷଣ ଓ ଅକ୍ଷୟ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

**ଢେଙ୍କାନାଳ:-** ୨୩.୮.୨୫ରେ କଙ୍କଡାହାଡସ୍ଥିତ ପାଣ୍ଡବ ବେହେରାଙ୍କ ବାସଭବନରେ ମାତୃ ଆଶ୍ରିତ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଏଥିରେ "ତୁମ ଚେତନାକୁ ପ୍ରସାରିତ କର" ସମ୍ପର୍କରେ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ।... ୨୩.୮.୨୫ରେ ଗାନ୍ଧୀରୋଡସ୍ଥିତ ସନ୍ତୋଷ ସ୍ୱାଇଁଙ୍କ ବାସଭବନରେ ମାତୃଆଳୟ ଜ୍ୟୋତିର୍ମୟୀ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ ଏବଂ ଶେଷରେ ପରେଶ ଚନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସୁଲୋଚନା ସାହୁ ଓ ଗୀତାଞ୍ଜଳି ମହାପାତ୍ର ଅଂଶଗ୍ରହଣ କରିଥିଲେ।... ୨୪.୮.୨୫ରେ ମୁଣ୍ଡିଦେଉଳିସ୍ଥିତ ରଞ୍ଜିତ କୁମାର ସାହୁଙ୍କ ବାସଭବନରେ ଶକ୍ତିମୟୀ ଶ୍ରୀଅରବିନ୍ଦ ପାଠଚକ୍ର ନାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ନର୍ମଦା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ର କ'ଣ ଓ କାହିଁକି କରିବା" ସମ୍ପର୍କରେ ଦିଲ୍ଲୀପ ମହାନ୍ତି, ନିରୁପମା ସାହୁ, ରତ୍ନପ୍ରଭା ଦାଶ ଓ ରାମଚନ୍ଦ୍ର ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶକୁନ୍ତଳା ବେହେରା,

ରଶ୍ମିବାଳା ସାହୁ ଓ ଦିଲ୍ଲୀପ କୁମାର ନନ୍ଦ ଅଂଶଗ୍ରହଣ କରିଥିଲେ।... ୨୪.୮.୨୫ରେ କଙ୍କଡାହାଡସ୍ଥିତ ପବିତ୍ର ବେହେରାଙ୍କ ବାସଭବନରେ ନବ ଚେତନା ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପଥଚ୍ୟୁତ ହୁଅ ନାହିଁ" ସମ୍ପର୍କରେ କୁନ୍ତଳା ବେହେରା ଆଲୋଚନା କରିଥିଲେ।... ୨୪.୮.୨୫ରେ ଅନଳସ୍ଥିତ ଅର୍ଜ୍ଜୁନ ବେହେରାଙ୍କ ବାସଭବନରେ ଆନନ୍ଦମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୧୪ତମ ବାର୍ଷିକୋତ୍ସବ ସୁକାନ୍ତି ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ତ୍ରିବିଧ ବ୍ୟକ୍ତିଗତ ପ୍ରଚେଷ୍ଟା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ।... ୨୪.୮.୨୫ରେ ସିମିଳିପାଟଣାସ୍ଥିତ ଶ୍ରୀଅରବିନ୍ଦ କେନ୍ଦ୍ରୀୟ ପାଠଚକ୍ରର ୧୨ତମ ବାର୍ଷିକୋତ୍ସବ ଭାରତୀ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ଓ ଦିବ୍ୟ ଭବିଷ୍ୟତ" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ।... ୨୪.୮.୨୫ରେ ଭାପୁରସ୍ଥିତ ଚନ୍ଦ୍ରଶେଖର ପଣ୍ଡାଙ୍କ ବାସଭବନରେ ମମତାମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ମମତା ପଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟକର୍ମ କ'ଣ ? ଓ ଯଥାର୍ଥ ଦିବ୍ୟକର୍ମୀ କାହାକୁ କୁହାଯାଏ ?" ସମ୍ପର୍କରେ ଅଜୟ କୁମାର ପଲେଇ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ଶୁକ୍ଳା ଓ ସତ୍ୟପ୍ରିୟ ପଣ୍ଡା ଅଂଶଗ୍ରହଣ କରିଥିଲେ।... ୨୬.୮.୨୫ରେ ସିମିଳିଆଗ୍ରାମସ୍ଥିତ ପ୍ରଶାନ୍ତି ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟସଙ୍ଗତି ପାଠଚକ୍ର ପାର୍ବତୀ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୨୬.୮.୨୫ରେ ପରଜଙ୍ଗ ବ୍ଲକସ୍ଥିତ ବଳରାମ ଗଡନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ କରୁଣାମୟୀ ପାଠଚକ୍ରର ବାର୍ଷିକୋତ୍ସବ ଶାନ୍ତିଲତା ଗଡନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରୀନା ଜେନା "ପ୍ରଜ୍ଞା ପ୍ରଦୀପିକା" ପୁସ୍ତକରୁ କିଛି ପାଠ କରି ଆଲୋଚନା କରିଥିଲେ।... ୨୬.୮.୨୫ରେ ଦୁର୍ଗାବଜାରସ୍ଥିତ ସଞ୍ଜୟ କୁମାର ସାହୁଙ୍କ ବାସଭବନରେ କରୁଣାମୟୀ ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟ ଉନ୍ମୀଳନ" ସମ୍ପର୍କରେ ଏକ ସାମୁହିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।... ୨୮.୮.୨୫ରେ ଅନନ୍ତପୁରଠାରେ ଆସ୍ପୃହା ଶ୍ରୀଅରବିନ୍ଦ

ପାଠଚକ୍ରର ତୃତୀୟ ବାର୍ଷିକୋତ୍ସବ ଅନ୍ନପୂର୍ଣ୍ଣା ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଭଗବତ୍ କୃପା" ସମ୍ପର୍କରେ ଦିଲ୍ଲୀପ କୁମାର ମହାନ୍ତି, ନିରୁପମା ସାହୁ, ଦିଲ୍ଲୀପ କୁମାର ନନ୍ଦ, ରତ୍ନପ୍ରଭା ଦାଶ ଓ ରାମଚନ୍ଦ୍ର ସାହୁ ଆଲୋଚନା କରିଥିଲେ ।... ୨୯.୮.୨୫ରେ କନକ ଦୁର୍ଗା ମନ୍ଦିର ଲେନ୍‌ସ୍ଥିତ ଧୀରେନ୍ଦ୍ର ମହାନ୍ତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟଜ୍ୟୋତି ସାଧନାକେନ୍ଦ୍ରର ୩୨ତମ ବାର୍ଷିକୋତ୍ସବ ଶରତ କୁମାରୀ ଭଞ୍ଜଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୃଥିବୀରେ ନୂତନଜାତି ପ୍ରତିଷ୍ଠାରେ ପୂର୍ଣ୍ଣଯୋଗ" ଓ "ପ୍ରକୃତିର ପ୍ରସ୍ତୁତି ଓ ଅତିମାନସ ଶକ୍ତି" ସମ୍ପର୍କରେ ସୁଲୋଚନା ସାହୁ ଓ ରଞ୍ଜିତ ଦାସ ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସବିତା ସାହୁ, ପ୍ରମୋଦିନୀ ସାହୁ ଓ ରାନୁ ଭଞ୍ଜ ଅଂଶଗ୍ରହଣ କରିଥିଲେ ।... ୨୯.୮.୨୫ରେ କଙ୍କଡାହାଡସ୍ଥିତ ବିଭୂତି ବେହେରାଙ୍କ ବାସଭବନରେ ମଧୁମୟୀ ଶ୍ରୀଅରବିନ୍ଦ ପାଠଚକ୍ରର ୨୦ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ-୩ୟ ଖଣ୍ଡ" ପୁସ୍ତକରୁ କୁନ୍ତଳା ବେହେରା ଆଲୋଚନା କରିଥିଲେ ।... ୩୧.୮.୨୫ରେ ସ୍ୱସ୍ତିଲେନ୍‌ସ୍ଥିତ ଅଜୟ କୁମାର ବଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆନନ୍ଦମୟୀ ପାଠଚକ୍ରର ୨୮ତମ ବାର୍ଷିକୋତ୍ସବ ଶରତକୁମାରୀ ଭଞ୍ଜଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଦିବ୍ୟଜନନୀଙ୍କ ଧରାବତରଣ" ଓ "ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ ସୁଲୋଚନା ସାହୁ ଓ ବିକାଶ ରଞ୍ଜନ ପରିଡା ଆଲୋଚନା କରିଥିଲେ । ପରିଶେଷରେ ଅଜୟ କୁମାର ବଳ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶଶୀରେଖା ମହାନ୍ତି, ବିଜୟଲକ୍ଷ୍ମୀ ମହାରଣା, ସୋନାଲି ନାୟକ ଓ ଅରୋସ୍ମିତା ବଳ ସହଯୋଗ କରିଥିଲେ ।... ୩୧.୮.୨୫ରେ କାମାକ୍ଷନଗର ଏନ୍.ଏସି. ମେନରୋଡସ୍ଥିତ ଅନ୍ତର୍ଯ୍ୟାମୀ ତ୍ରିପାଠୀଙ୍କ ବାସଭବନରେ ଶ୍ରୀମାପ୍ରୀତି ଶ୍ରୀଅରବିନ୍ଦ ପାଠଚକ୍ରର ୨୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ମା'ଙ୍କ ସତ୍ତାର ବିଶ୍ୱାତୀତ ଧାରା" ସମ୍ପର୍କରେ ଦିଲ୍ଲୀପ କୁମାର ମହାନ୍ତି ଆଲୋଚନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପ୍ରତିମା ତ୍ରିପାଠୀ, ଦିଲ୍ଲୀପ କୁମାର ନନ୍ଦ, ନିରୁପମା ସାହୁ ଓ ରତ୍ନପ୍ରଭା ଦାଶ ସହଯୋଗ କରିଥିଲେ ।... ୧.୯.୨୫ରେ ଭାଗିରଥି ବିହାରସ୍ଥିତ କାମିନୀ ସାହୁଙ୍କ ବାସଭବନରେ ପ୍ରେମଅଗ୍ନି ଶ୍ରୀଅରବିନ୍ଦ ପାଠଚକ୍ରର ନବମ ବାର୍ଷିକୋତ୍ସବରେ "ସଂସାର ଭିତରେ ରହି

ସାଧନା” ସମ୍ପର୍କରେ ସୁଲୋଚନା ସାହୁ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶଶୀରେଖା ମହାନ୍ତି, କ୍ଷଣପ୍ରଭା ମହାନ୍ତି, ବୈଜୟନ୍ତୀ ସ୍ୱାଇଁ ସହଯୋଗ କରିଥିଲେ।... ୨.୯.୨୫ରେ କୁଞ୍ଜକାନ୍ତସ୍ଥିତ ପ୍ରଣତୀ ନନ୍ଦଙ୍କ ବାସଭବନରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୪.୯.୨୫ରେ ସ୍ୱସ୍ତିଲେନସ୍ଥିତ ଶଶୀରେଖା ମହାନ୍ତିଙ୍କ ବାସଭବନରେ ପ୍ରେମାସ୍ପଦ ଶ୍ରୀଅରବିନ୍ଦ ପାଠଚକ୍ରର ୧୮ତମ ବାର୍ଷିକୋତ୍ସବ ରାଜକିଶୋର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାବିତ୍ରୀ ପୁସ୍ତକରୁ “Immortal, treading the earth with mortal feet” ସମ୍ପର୍କରେ ଭବେଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ ଏବଂ ସୁଲୋଚନା ସାହୁ ଉପସଂହାର କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉଷାରାଣୀ ମିଶ୍ର, ସଞ୍ଜିତା ବେହେରା, ରାନୁ ଭଞ୍ଜ ଓ ସସ୍ମିତା ଶୁଭଶ୍ରୀ ଭଞ୍ଜ ସହଯୋଗ କରିଥିଲେ।... ୬.୯.୨୫ରେ ପରଜଙ୍ଗସ୍ଥିତ ମାଧୁରୀ ମାଝିଙ୍କ ବାସଭବନରେ ମୀରାମ୍ବିକା ଶ୍ରୀଅରବିନ୍ଦ ପାଠଚକ୍ରର ୨୬ତମ ବାର୍ଷିକୋତ୍ସବରେ “ଜୀବନର ଲକ୍ଷ୍ୟ” ସମ୍ପର୍କରେ ରୀନା ଜେନା ଆଲୋଚନା କରିଥିଲେ।... ୧୩.୯.୨୫ରେ ହାଟରୋଡସ୍ଥିତ ସ୍ୱର୍ଣ୍ଣ ତଟିନୀ ପୃଷ୍ଟିଙ୍କ ବାସଭବନରେ ସ୍ୱର୍ଣ୍ଣମୟୀ ପାଠଚକ୍ରର ୧୧ତମ ବାର୍ଷିକୋତ୍ସବ ପ୍ରମୋଦିନୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଉନ୍ମୀଳନ” ସମ୍ପର୍କରେ ବାସୁଦେବ ମାଟି ଆଲୋଚନା କରିଥିଲେ।... ୧୩.୯.୨୫ରେ ମାତୃପଲ୍ଲୀ ଟ୍ରଷ୍ଟ ମେଦିନୀପାଳଠାରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ସୁଲୋଚନା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ “ଶ୍ରୀଅରବିନ୍ଦ ପାଠଚକ୍ର” ଓ “ସଙ୍ଗଠନ” ସମ୍ପର୍କରେ ବିଷ୍ଣୁଚରଣ ସ୍ୱାଇଁ ଓ ନିରଞ୍ଜନ ମହାପାତ୍ର ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଣତୀ ନନ୍ଦ, ସଞ୍ଜୁକ୍ତା ସାହୁ ସହଯୋଗ କରିଥିଲେ।... ୧୪.୯.୨୫ରେ ପରଜଙ୍ଗ ବ୍ଲକସ୍ଥିତ ବିପିନ ବିହାରୀ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସଙ୍ଗତି ପାଠଚକ୍ରର ୧୭ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୧୬.୯.୨୫ରେ ସିମିଳିଆସ୍ଥିତ ପାର୍ବତୀ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ଦିବ୍ୟ ସଙ୍ଗତି ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁଲୋଚନା ସାହୁ “ମା’” ପୁସ୍ତକର ୧ମ ଅଧ୍ୟାୟରୁ କିଛି ଅଂଶ ପାଠ କରି ଆଲୋଚନା କରିଥିଲେ।... ୧୩.୯.୨୫ରେ ଲକ୍ଷ୍ମୀଧରପୁରସ୍ଥିତ ବାଇଧର ଦାସଙ୍କ ବାସଭବନରେ କୃପାମୟୀ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ

ହୋଇଯାଇଛି । ଏଥିରେ "ବର୍ତ୍ତମାନ ପରିସ୍ଥିତିରେ ଶ୍ରୀଅରବିନ୍ଦଙ୍କ ଭୂମିକା" ସମ୍ପର୍କରେ ଜୈନେତ୍ରୀ ଦାସ ଆଲୋଚନା କରିଥିଲେ ।

**ନିଷ୍ଠା ମଣ୍ଡଳ**

**ପୁରୀ:-** ୩୧.୮.୨୫ରେ ମାତୃସେବାସଦନ, ପିପିଲିଠାରେ ଜିଲ୍ଲା ସଙ୍ଗଠକମାନଙ୍କର ଦ୍ୱିମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।... ସେପ୍ଟେମ୍ବର ୧୫ ରୁ ୧୯ ତାରିଖ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନିମାପଡାଠାରେ ଅନୁଷ୍ଠିତ କର୍ମଶାଳା କପିଳେନ୍ଦ୍ର ମିଶ୍ର ଓ ବ୍ରଜମୋହନ ବେହେରାଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱମ୍ଭର ସାହୁ, ସୁକାନ୍ତ କୁମାର ଜେନା, ସୁଦର୍ଶନ ଦିକ୍ଷୀତ ଓ ଗଙ୍ଗାଧର ମହାପାତ୍ର ଅଂଶଗ୍ରହଣ କରିଥିଲେ ।... ୮.୯.୨୫ରେ ଗୋପାଳପୁରସ୍ଥିତ ଶୁଭଲକ୍ଷ୍ମୀ ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ଉଦ୍ଦେଶ୍ୟ" ସମ୍ପର୍କରେ ସୁକାନ୍ତ କୁମାର ଜେନା ଓ ବିଶ୍ୱମ୍ଭର ସାହୁ ଆଲୋଚନା କରିଥିଲେ ।... ୨୫.୯.୨୫ରେ ମିଟେଇପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ବିଶ୍ୱମ୍ଭର ସାହୁ, ସୁକାନ୍ତ କୁମାର ଜେନା ଓ ସୁଦର୍ଶନ ଦିକ୍ଷୀତ "ଶ୍ରୀଅରବିନ୍ଦଙ୍କ ଯୋଗର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୫.୯.୨୫ରେ ଖେଲାର ମେଳକ ସାହିସ୍ଥିତ ଦେବେନ୍ଦ୍ର ପରିଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରରେ ବିଶ୍ୱମ୍ଭର ସାହୁ ଓ ସୁକାନ୍ତ କୁମାର ଜେନା "ମଣିଷ ଜୀବନର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ ।

**ଶାନ୍ତି ମଣ୍ଡଳ**

**ସୁବର୍ଣ୍ଣପୁର:-** ୩୧.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ପାଇକବାହାଲଠାରେ ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅଧ୍ୟକ୍ଷ ଓ ସମ୍ପାଦକ ସମ୍ମିଳନୀ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ଆନୁକୂଲ୍ୟରେ ସୁଧାଂଶୁ ଶେଖର ଲୁହାଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଇତିମୟୀ ସାହୁ ସ୍ୱାଗତ ଭାଷଣ, ସରୋଜ କୁମାର ପଟ୍ଟନାୟକ "ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଓ ପାଠଚକ୍ର ସହ ସମ୍ପୃକ୍ତ ଆଇନର ବିଭିନ୍ନ ଦିଗ" ଓ ମଦନ ମୋହନ ଦାନୀ "ସଚେତନ ରହି ଶିକ୍ଷା କେନ୍ଦ୍ର ପରିଚାଳନାକୁ ମାତୃକାର୍ଯ୍ୟ ଭାବରେ ଗ୍ରହଣ କରିବା" ସମ୍ପର୍କରେ ଆଲୋଚନା କରିଥିଲେ । ପରିଶେଷରେ ଲଳିତ ମୋହନ ପୂଜାହାରୀ କୃତଜ୍ଞତା ଜ୍ଞାପନ କରିଥିଲେ । ଉକ୍ତ ସମ୍ମିଳନୀରେ ଜିଲ୍ଲାର ୧୪ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ୩୧ ଜଣ ଅପା ଭାଇ ଅଂଶ ଗ୍ରହଣକରି ଥିଲେ ।... ସେପ୍ଟେମ୍ବର ୩ ରୁ ୫ ତାରିଖ ପର୍ଯ୍ୟନ୍ତ

ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଯାଲୋଏଠାରେ ପାଞ୍ଚ ଦିନଧରି ପ୍ରାକ୍ ପ୍ରାଥମିକ ଶିକ୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବରେ ମହାଦେବ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓ ମଦନ ମୋହନ ଦାନୀ ଓ ସୁଧାଂଶୁ ଶେଖର ଲୁହା କର୍ମଶାଳାର ସୂଚନା ଦେବା ସହିତ ଏହାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର କର୍ମଶାଳାକୁ ବ୍ରଜମୋହନ ବେହେରା ପରିଚାଳନା କରିଥିଲେ । ଉକ୍ତ ଶିବିରରେ ୧୬ଟି ଶିକ୍ଷା କେନ୍ଦ୍ରରୁ ୩୪ଜଣ ଅପାଭାଇ ଅଂଶଗ୍ରହଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲଳିତ ମୋହନ ପୂଜାହାରି, ମନୋଜ କୁମାର କର୍ମୀ, ମହାଦେବ ପଣ୍ଡା,ନବୀନ କୁମାର ସେଠୀ, ଶ୍ୟାମ ସୁନ୍ଦର ପଣ୍ଡା, ପଞ୍ଚାନନ ଛନ୍ଦ, ଜ୍ଞାନ ରଞ୍ଜନ ମେହେର ଓ ସସ୍ମିତା ଶତପଥି ପ୍ରଭୃତି ସହଯୋଗ କରିଥିଲେ ।

**ନୂଆପଡା:-** ୨୧.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୁଳିଆବିନ୍ଧାଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଡ. ଗୀତା ବର୍ମା, ହେମନ୍ତ କୁମାର ବାରିକ ଓ ମନୋଜ ପଣ୍ଡା ଅଂଶଗ୍ରହଣ କରିଥିଲେ ।

**ସତ୍ୟ:-**

**କଟକ:-** ୨୪.୮.୨୫ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ ସାଧନାପୀଠଠାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି "ପାର୍ଥିବ ରୂପାନ୍ତରର ସମସ୍ୟା" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୫.୮.୨୫ରେ ବ୍ରହ୍ମପୁରଠାରେ ନକୁଳ ଚନ୍ଦ୍ର ବେହେରାଙ୍କ ଆବାହନରେ ଶ୍ରୀଅରବିନ୍ଦ ପାଠଚକ୍ରରେ "ଭକ୍ତ ଓ ଭଗବାନ" ସମ୍ପର୍କରେ ଶଙ୍କର୍ଷଣ ସେନାପତି ଆଲୋଚନା କରିଥିଲେ ।... ୨୬.୮.୨୫ରେ ଦଧିବାମନପୁରସ୍ଥିତ ଚନ୍ଦ୍ରକାନ୍ତି ସାଇଁଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା "ଶ୍ରୀଅରବିନ୍ଦଙ୍କ ଯୋଗର ବିଶେଷତ୍ୱ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୭.୮.୨୫ରେ ବେଣ୍ଟକାରସ୍ଥିତ ସ୍ୱର୍ଣ୍ଣଶିଖା ପାଠଚକ୍ରର ବାର୍ଷିକୋତ୍ସବରେ ଶୁଭାଶିଷ ଶତପଥି, କାଳନ୍ଦୀ ଚରଣ ସେନାପତି ଓ ନାରାୟଣ ଚନ୍ଦ୍ର ସେନାପତି "ଅନ୍ତରସ୍ଥ ଦେବତ୍ୱର ପରିପ୍ରକାଶ" ସମ୍ପର୍କରେ ଆଲୋଚନା କରିଥିଲେ ।... ୨୮.୮.୨୫ରେ କଳପଡାସ୍ଥିତ ନିରଞ୍ଜନ କାଳୀଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିକାଶ ରଞ୍ଜନ ପରିଡା "ଶ୍ରୀଅରବିନ୍ଦଙ୍କ ପ୍ରେରଣାଦାୟକ ଜୀବନ" ସମ୍ପର୍କରେ ଆଲୋଚନା କରିଥିଲେ ।...

୨୯.୮.୨୫ରେ ନୂଆବଜାରସ୍ଥିତ ରଚିତା ଦଳାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ କପିଳାସ ପ୍ରସାଦ ଦାଶ ଓ ବିକାଶ ରଞ୍ଜନ ପରିଡା ଅଂଶଗ୍ରହଣ କରିଥିଲେ ।... ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧୩ ତାରିଖରେ ବେଲେଶ୍ୱରସ୍ଥିତ ନିରଞ୍ଜନ ବେହେରା ଓ ନୂଆବଜାରସ୍ଥିତ ସୁଚିତ୍ରା ମହାପାତ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୯.୮.୨୫ରେ ବନ୍ତୁଣିଆସ୍ଥିତ ନବକିଶୋର ଦାଶଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଜୀବନ ଆଦର୍ଶ" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର, ବିକାଶ ରଞ୍ଜନ ପରିଡା ଓ ଶଙ୍କର୍ଷଣ ସେନାପତି ଆଲୋଚନା କରିଥିଲେ ।... ୩୦.୮.୨୫ରେ ବହଳପଡାସ୍ଥିତ ଦେବେନ୍ଦ୍ର ନାଥ ସେନାପତିଙ୍କ ଆବାହନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ସଞ୍ଜୟ କୁମାର ମହାପାତ୍ର, ଶଙ୍କର୍ଷଣ ସେନାପତି ଓ କାଳନ୍ଦୀ ଚରଣ ସେନାପତି "ଅନ୍ତରରେ ହିଁ ଶାଶ୍ୱତ ଜ୍ଞାନର ଉତ୍ସ" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୦.୮.୨୫ରେ ଧୂଳୀଶ୍ୱରସ୍ଥିତ ଶଶାଙ୍କ ଶେଖର ସେନାପତିଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ କାଳନ୍ଦୀଚରଣ ସେନାପତି "ଶିଶୁ ସୁଲଭ ନିର୍ଭରତା" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୧.୮.୨୫ରେ ବହଳପଡାସ୍ଥିତ ଫକୀରଚରଣ ଜେନାଙ୍କ ଆୟୋଜନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ କୃଷ୍ଣଚନ୍ଦ୍ର ନନ୍ଦଶର୍ମାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶଙ୍କର୍ଷଣ ସେନାପତି, କାଳନ୍ଦୀ ଚରଣ ସେନାପତି, ସଞ୍ଜୟ କୁମାର ମହାପାତ୍ର ଓ ବିଜୟ କୁମାର ପାତ୍ର "ଅବତାରଙ୍କ ମର୍ତ୍ତ୍ୟଲୀଳା" ସମ୍ପର୍କରେ ଆଲୋଚନା କରିଥିଲେ ।... ୩୧.୮.୨୫ରେ ବହଳପଡାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ର, ଝିଙ୍କିରିଆର ପ୍ରଶାନ୍ତ କୁମାର ନନ୍ଦଙ୍କ ବାସଭବନରେ ଓ ଶ୍ରୀରାମସ୍ଥିତ ଧର୍ମାନନ୍ଦ ପାଣ୍ଡେଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀରାମକୃଷ୍ଣ ଦାସଙ୍କ ରଚନାସଂଗ୍ରହ-୩ୟ ଖଣ୍ଡ" ଓ "ଶ୍ରୀଅରବିନ୍ଦ ଓ ଭବିଷ୍ୟତର ମାନବ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୭.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କନ୍ତୋଲଠାରେ ଶ୍ରୀଅରବିନ୍ଦ ଇଂଜିନିୟରିଂ ଏବଂ ଟେକ୍ନିକାଲ ଗ୍ରୁପର କଟକ ଜିଲ୍ଲା ସ୍ତରୀୟ ବାର୍ଷିକ ଅଧିବେଶନ ଶରତ ଚନ୍ଦ୍ର

ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଣ୍ଟୋଲର କର୍ତ୍ତୃପକ୍ଷ ଆନୁଷ୍ଠାନିକ ଭାବରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଇଂ. ସତ୍ୟଜିତ ମିଶ୍ର "ଶ୍ରୀଅରବିନ୍ଦ ଇଂଜିନିୟରିଂ ଏବଂ ଟେକ୍ନିକାଲ ଗ୍ରୁପ ଓ ଶ୍ରୀଅରବିନ୍ଦ ବିଜ୍ଞାନ ପରିଷଦ ବିଷୟରେ ଏବଂ ଯୋଜନା କରାଯାଇଥିବା ତିନୋଟି ଅଧିବେଶନର ମହତ୍ତ୍ୱ" ବିଷୟରେ ଏକ ଉପକ୍ରମ ପ୍ରଦାନ କରିଥିଲେ, ଇଂ. ଚିନ୍ମୟ ରାଉତ ସାଇବର ସୁରକ୍ଷା ଏବଂ ତାର ଫାଶରେ ନ ପଡ଼ିବା ପାଇଁ ସର୍ବୋତ୍ତମ ଅଭ୍ୟାସଗୁଡ଼ିକ" ବିଷୟରେ, ଇଂ. ପଦ୍ମଲୋଚନ ପୋଥାଳ "ଛାତ ଉପରେ ସୌରଶକ୍ତି କାର୍ଯ୍ୟକାରିତା, ଏହାର ଲାଭ ଓ ତାଙ୍କର ବ୍ୟକ୍ତିଗତ ଅନୁଭୂତି ଉପରେ ଆଧାର କରି ଉପଲବ୍ଧ ସରକାରୀ ଯୋଜନା" ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ନିଶିଥ ରଞ୍ଜନ ରାଉତ "ପ୍ରାଚୀନ ଭାରତୀୟ ବିଜ୍ଞାନ: ଅତୀତ ଭବିଷ୍ୟତ ଆଡକୁ ଲମ୍ଫ ଦେବା ପାଇଁ ସହାୟକ ଯନ୍ତ୍ର ହେବା ଉଚିତ୍" ("Ancient Indian Science: The past must be a springboard towards the future") ଉପରେ ଆଲୋଚନା କରିଥିଲେ । ସମସ୍ତ ଅଧିବେଶନରେ ଶ୍ରୋତାମାନଙ୍କ ସହିତ ଏକ ଆକର୍ଷଣୀୟ ପ୍ରଶ୍ନୋତ୍ତର ଆଲୋଚନା ହୋଇଥିଲା । ଡକ୍ଟର ଶରତ ଚନ୍ଦ୍ର ମିଶ୍ର, ଶ୍ରୀ ମାୟାଧର ରାଉତ ଉଦ୍‌ଯାପନୀ ମନ୍ତବ୍ୟ ପ୍ରଦାନ କରିଥିଲେ । ପରିଶେଷରେ ଶାଶ୍ୱତ ପଟ୍ଟନାୟକ କୃତଜ୍ଞତା ଜଣାଇଥିଲେ ।... ୯.୯.୨୫ରେ ତୁଳସୀପୁରସ୍ଥିତ ଜେ.ବି.ଏସ୍ ଗାର୍ଡେନଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୯ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସକଳ ବିରୋଧ ତାଙ୍କର ସୁସଙ୍ଗତି ଲାଭ କରିବ" ସମ୍ପର୍କରେ ପ୍ରସାଦ ତ୍ରିପାଠୀ ଉପକ୍ରମଣିକା ଏବଂ ଯଶସ୍ୱିନୀ ରାୟ ଓ ଡ ଚିତ୍ତରଞ୍ଜନ ସାହୁ ଆଲୋଚନା କରିଥିଲେ । ପରିଶେଷରେ ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।... ୧୭.୯.୨୫ରେ ଜୋବ୍ରା, ନୂଆସାହିସ୍ଥିତ ଶାଶ୍ୱତ ପଟ୍ଟନାୟକଙ୍କ ବାସଭବନରେ କନସିକ୍ରିଏସନ୍ ଶ୍ରୀଅରବିନ୍ଦ ପାଠଚକ୍ରର ୧୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସମସ୍ୟା ଯେତେ ଅଧିକ ସମ୍ଭାବନା ମଧ୍ୟ ସେତିକି ଅଧିକ" ସମ୍ପର୍କରେ ଯଶସ୍ୱିନୀ ରାୟ, ଧରିତ୍ରୀ ରାଉତ, ମନୋରମା ନାୟକ ଆଲୋଚନା କରିଥିଲେ ଏବଂ ପ୍ରସାଦ ତ୍ରିପାଠୀ ଉପସଂହାର କରିଥିଲେ ।

**କେନ୍ଦୁଝର:-** ୧୧.୯.୨୫ରେ ଶାଳବଣୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର

ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଫକୀର ଚରଣ ଶଙ୍ଖୁଆ "ମାନବ ଓ ଅତିମାନବ" ସମ୍ପର୍କରେ ଆଲୋଚନା କରିଥିଲେ।

**କେନ୍ଦ୍ରାପଡ଼ା:-**.୨୨.୮.୨୫ରେ ଇନ୍ଦୁପୁରସ୍ଥିତ ଓଁକାର ନାୟକଙ୍କ ବାସଭବନରେ ସ୍ୱର୍ଗତ ମମତା ନାୟକଙ୍କ ଦ୍ୱାଦଶାହ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ଶକୁନ୍ତଳା ସାହାଣୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଜନା ପ୍ରଧାନ, ବିଜୟ କୁମାର ନାୟକ, ଅନନ୍ତ ସାହାଣୀ ଓ ନୟନା ବେହେରା "ଜନ୍ମ ମୃତ୍ୟୁର ରହସ୍ୟ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୪.୮.୨୫ରେ ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲେଖ ବିହାରୀ ପରିଡ଼ାଙ୍କ ବାସଭବନରେ କୃପାମୟୀ ପାଠଚକ୍ରର ୧୭ତମ ବାର୍ଷିକ ଉତ୍ସବ ଶ୍ରୀମୀରା ଆଶ୍ରମ କେନ୍ଦ୍ରାପଡାଠାରେ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବତୀ ପ୍ରସାଦ ଦାସ, ଉର୍ମିଳା ରାଉତ, ବିଧାନ ଚନ୍ଦ୍ର ସ୍ୱାଇଁ "ସମଗ୍ର ଜୀବନ ହିଁ ଯୋଗ" ପ୍ରସଙ୍ଗରେ ଆଲୋଚନା କରିଥିଲେ ଏବଂ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜଜାଙ୍ଗଠାରେ ରୁକ୍ମିଣୀ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ର କୃଷ୍ଣପ୍ରିୟା ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା "ଶ୍ରୀଅରବିନ୍ଦଙ୍କ ଅବତାର ତତ୍ତ୍ୱ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୬.୮.୨୫ରେ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ କରଞ୍ଜିସ୍ଥିତ ସୌମେନ୍ଦ୍ର ଦାସଙ୍କ ବାସଭବନରେ ସ୍ୱର୍ଗତଃ ସାବିତ୍ରୀ ଦାସଙ୍କ ଦ୍ୱାଦଶ ଦିବସରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜନ୍ମେଜୟ ପ୍ରଧାନ, ନଳିନୀକାନ୍ତ ନାୟକ ଓ ନରୋତ୍ତମ ନାୟକ "ମୃତ୍ୟୁ ଓ ପୁନର୍ଜନ୍ମ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୨୮.୮.୨୫ରେ ଡେରାବିଶ ବ୍ଲକ ଅନ୍ତର୍ଗତ ମଧୁସୂଦନପୁରଠାରେ ଆନନ୍ଦମୟୀ ପାଠଚକ୍ରର ୨୫ତମ ବାର୍ଷିକ ଉତ୍ସବ କ୍ଷୀରୋଦ ଚନ୍ଦ୍ର ବିହାରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗର ମହତ୍ତ୍ୱ" ପ୍ରସଙ୍ଗରେ ଏବଂ ଉର୍ମିଳା ରାଉତ "ଯୁଗ ଅବତାର ଶ୍ରୀମା ଓ ଶ୍ରୀଅରବିନ୍ଦ" ପ୍ରସଙ୍ଗରେ ଆଲୋଚନା କରିଥିଲେ।.. ୨୮.୮.୨୫ରେ ଜଜାଙ୍ଗ ଗ୍ରାମସ୍ଥ ଆଦିକନ୍ଦ ସ୍ୱାଇଁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କୃଷ୍ଣପ୍ରିୟା ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା "ଶୁଭ ଜନ୍ମଦିନ" ପ୍ରସଙ୍ଗରେ ଆଲୋଚନା

କରିଥିଲେ।... ୨୯.୮.୨୫ରେ ନିଳୀକଣାସ୍ଥିତ ନାରାୟଣ ମୁଦୁଲିଙ୍କ ବାସଭବନରେ ସ୍ୱର୍ଗତଃ ମଲି ମୁଦୁଲିଙ୍କ ଦ୍ୱାଦଶ ଦିବସରେ ଶ୍ରୀଅରବିନ୍ଦ ପାଠଚକ୍ର ସାଗରିକା ପୃଷ୍ଟିଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟନା ବେହେରା, ଅଞ୍ଜନା ପ୍ରଧାନ ଓ ଉର୍ମିଳା ରାଉତ "ଆତ୍ମାର ଅଭିଯାତ୍ରା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୩୧.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଇନ୍ଦୁପୁରଠାରେ କେନ୍ଦ୍ରାପଡା ୟୁନିଟର ମିଳିତ ଶ୍ରୀଅରବିନ୍ଦ ପାଠଚକ୍ର ଦେବବ୍ରତ ସାମଲଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରମୋଦ କୁମାର ମିଶ୍ର, ମଳୟ କୁମାର ଜେନା, ଉର୍ମିଳା ରାଉତ, ନୟନା ବେହେରା ଓ ବୀର କିଶୋର ବେହେରା "ଶ୍ରୀରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ" ୩ୟ ଖଣ୍ଡରୁ କିଛି ଅଂଶ ଆଲୋଚନା କରିଥିଲେ। ପରିଶେଷରେ ଅନନ୍ତ କୁମାର ସାହାଣୀ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ।... ୨.୯.୨୫ରେ ପରକୁଳାସ୍ଥିତ ଅନୁପମା ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଜଗନ ମୋହନ ସ୍ୱାଇଁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ମିଳା ରାଉତ ଓ ଯଦୁନନ୍ଦନ ସାମଲ "ଜନ୍ମର ରହସ୍ୟ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୫.୯.୨୫ରେ ବଡ ମଙ୍ଗଳାସ୍ଥିତ ଚିନାଞ୍ଜଳି କରଙ୍କ ବାସଭବନରେ ଦିବ୍ୟ ଜନନୀ ଶ୍ରୀଅରବିନ୍ଦ ପାଠଚକ୍ରର ୧୩ତମ ବାର୍ଷିକ ଉତ୍ସବ ଗୋଲୋଖ ବିହାରୀ ପରିଡ଼ାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ୮.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ତଳକୁସୁମାଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୧.୯.୨୫ରେ ଡେରାବିଶ ବ୍ଲକ ଅନ୍ତର୍ଗତ ଶ୍ରୀମୀରା ଆଶ୍ରମଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୪ତମ ବାର୍ଷିକ ଉତ୍ସବ ନୟନା ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସନ୍ତୋଷ କୁମାର ନାୟକ, ପ୍ରମୋଦ କୁମାର ମିଶ୍ର ଓ ଉର୍ମିଳା ରାଉତ "ପୂର୍ଣ୍ଣଯୋଗର ପଥରେ ପାଦ ରଖିବା" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୫.୯.୨୫ରେ ବଳରାମପୁରସ୍ଥ ସୁଭାଷ ଚନ୍ଦ୍ର ରାଉତଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ସୁଭଦ୍ରା ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉର୍ମିଳା ରାଉତ, ସୁବାସ ଚନ୍ଦ୍ର କର, ରେବତୀ କର ଓ ପ୍ରମୋଦ କୁମାର ମିଶ୍ର "ଜନ୍ମର ଗୁରୁତ୍ୱ" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୬.୯.୨୫ରେ ପାତ୍ରଗଡସ୍ଥିତ ନରୋତ୍ତମ ନାୟକଙ୍କ ବାସଭବନରେ ଦିବ୍ୟକୃପା ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ

ଶ୍ରୀଅରବିନ୍ଦ ପାଠଚକ୍ର ମଳୟ କୁମାର ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ, ବୀରକିଶୋର ବେହେରା ଓ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ "ଭଗବତୀ ଜନନୀଙ୍କ ମାନବଜାତି ପାଇଁ ବାର୍ତ୍ତା" ପ୍ରସଙ୍ଗରେ ଆଲୋଚନା କରିଥିଲେ।

**ଯାଜପୁରଃ-** ... ୯.୮.୨୫ରେ ବିଂଝାରପୁର ଅନ୍ତର୍ଗତ ଚନ୍ଦ୍ରମୁଁ ଗ୍ରାମର ନାରାୟଣ ଚନ୍ଦ୍ର ବରାଳଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଆମେ ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି କରିବା" ସମ୍ପର୍କରେ ବସନ୍ତ କୁମାର ସାହୁ, ଉମାକାନ୍ତ ସାମଲ, ପୁଷ୍ପୁଷୋତ୍ତମ ନାୟକ, ପ୍ରତିଜ୍ଞା ସାହୁ ଓ ମାନଗୋବିନ୍ଦ ବେହେରା ଆଲୋଚନା କରିଥିଲେ।... ୨୨.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମାତୃନିଳୟମ୍, ଛତିଆର ପ୍ରତିଷ୍ଠା ଦିବସ ରବୀନ୍ଦ୍ରନାଥ ସୂତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଶିକ୍ଷା" ସମ୍ପର୍କରେ କିର୍ତ୍ତୀଚନ୍ଦ୍ର ମହାନ୍ତି, ବିପିନ ବିହାରୀ କର ଓ ଅଭୟ କୁମାର ବେହେରା ଆଲୋଚନା କରିଥିଲେ।... ୨୩.୮.୨୫ରେ ବାଳମୁକୁଳି ହାଟସ୍ଥିତ ଗୋକୁଳାନନ୍ଦ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ପଦ୍ମିନୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପିଲାଙ୍କୁ କିପରି ଗଢ଼ିବା" ସମ୍ପର୍କରେ ଚତୁର୍ଭୁଜ ସାହୁ, ଶ୍ରୀଧର ସାହୁ, ପୁରୁଷୋତ୍ତମ ନାୟକ, ପ୍ରତିଜ୍ଞା ସାହୁ, ଉମେଶ ଚନ୍ଦ୍ର ସାମଲ, ସବିତା ସାହୁ, ଶୁଭଶ୍ରୀ ସାହୁ ଆଲୋଚନା କରିଥିଲେ।... ୧୪.୯.୨୫ରେ ନାଉପାଳ ଗ୍ରାମର ଅରୋଶ୍ରୀ ପରିସରରେ ମାସିକିଆ ଆଲୋକ ସେନା ଶିବିର ଓ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମ ନୀଳକଣ୍ଠ ସାହୁ, ଜଗତାନନ୍ଦ ନାୟକ ଓ ଖଗେଶ୍ୱର ସାହୁଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବସନ୍ତ କୁମାର ସାହୁ, ଚତୁର୍ଭୁଜ ସାହୁ, ବୃନ୍ଦାବନ ସାହୁ, ଜଗତାନନ୍ଦ ନାୟକ, ଉମେଶ କୁମାର ସାମଲ, ମାନଗୋବିନ୍ଦ ବେହେରା, ପଦ୍ମିନୀ ସାହୁ, ସନ୍ଧ୍ୟାରାଣୀ ସାହୁ, ମୋନାଲିସା ରଣା, ଜ୍ୟୋତ୍ସ୍ନା ବାରିକ, ସୁଭଦ୍ରା ସାହୁ, ରଶ୍ମିତା ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧୪.୯.୨୫ରେ ମାଁସଡାସ୍ଥିତ କିଶୋର ଚନ୍ଦ୍ର ସାହୁଙ୍କ ବାସଭବନରେ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଚତୁର୍ଭୁଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରରେ ଆମର ଭୂମିକା" ସମ୍ପର୍କରେ ପ୍ରତିଜ୍ଞା ସାହୁ, ମୀନକେତନ ତ୍ରିପାଠୀ, ବସନ୍ତ କୁମାର ସାହୁ, ଶ୍ରୀଧର ସାହୁ, ଉମେଶ କୁମାର ସାମଲ, ଦଶରଥ ସାହୁ ଆଲୋଚନା

କରିଥିଲେ।... ୧୮.୯.୨୫ରେ ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନାଉପାଳଠାରେ ପ୍ଲାଷ୍ଟିକ୍ ବ୍ୟବହାରର କୁପରିଣାମ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ଏବଂ ବିକଳ୍ପ ବ୍ୟବହାର ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଚତୁର୍ଭୁଜ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧ୍ୟକ୍ଷ ସୀତାରାମ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ, ଦୁର୍ଗା ଚରଣ ବାରିକ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନନ୍ଦିପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଧର ସାହୁ, ସିଂହପୁର ଉଚ୍ଚବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ଦାସ ଏବଂ ନାଉପାଳ ଗ୍ରାମର ବିଶିଷ୍ଟ ଶିକ୍ଷାବିତ୍ ବସନ୍ତ କୁମାର ସାହୁ ଯୋଗଦାନ କରିଥିଲେ। ପରିଶେଷରେ ସୁବ୍ରତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ରଶ୍ମିତା ଦାସ, ପଦ୍ମିନୀ ସାହୁ , ସନ୍ଧ୍ୟାରାଣୀ ସାହୁ, ଅଶୋକ କୁମାର ମଲ୍ଲିକ ପ୍ରଭୃତି ସଞ୍ଚାଳନ କରିଥିଲେ।... ୨୪.୮.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମୁଣ୍ଡମାଳଠାରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ କୃଷି ୟୁନିଟ୍‌ର ବାର୍ଷିକ ଦିବସ କୈଳାସ ଚନ୍ଦ୍ର କୁଅଁରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମ ନାୟକ, ବନମାଳୀ ଆଚାର୍ଯ୍ୟ ଓ ଉମେଶ ଚନ୍ଦ୍ର ସାମଲ "ଶ୍ରୀଅରବିନ୍ଦ କୃଷି କାର୍ଯ୍ୟଧାରାର ବିଭିନ୍ନ ଦିଗ ଓ ଲକ୍ଷ୍ୟ" ଓ "ଉନ୍ନତ କୃଷିର ବ୍ୟାବହାରିକ ଦିଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୩୧.୮.୨୫ରେ ବେଲବାହାଳି ଗ୍ରାମରେ ଶ୍ରୀଅରବିନ୍ଦ ଆଞ୍ଚଳିକ ପାଠଚକ୍ର ସମ୍ମିଳନୀ ବନମାଳୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଦିବ୍ୟସମାଜ ଗଠନରେ ଶ୍ରୀଅରବିନ୍ଦ ପାଠଚକ୍ରର ଭୂମିକା" ସମ୍ପର୍କରେ କୁମୁଦିନୀ ସ୍ୱାଇଁ, ଜଗତାନନ୍ଦ ମହାପାତ୍ର, ଦେବାନନ୍ଦ ସାହୁ, ଶାନ୍ତନୁ ମିଶ୍ର, ଗୌତମ ଖଟୁଆ, ମଦନମୋହନ କର, ନିତ୍ୟାନନ୍ଦ ମାଝୀ, ଅଜୟ କୁମାର ସାହୁ ଓ କୈଳାସ ଚନ୍ଦ୍ର କୁଅଁର ଆଲୋଚନା କରିଥିଲେ।... ୧.୯.୨୫ରେ ଦହିଗାଁସ୍ଥିତ ରଶ୍ମିତା ପତିଙ୍କ ବାସଭବନରେ ମୀରାମ୍ବିକା ପାଠଚକ୍ରରେ ବିରଞ୍ଚି ପଦାରବିନ୍ଦ ପତି ଓ ଗାୟତ୍ରୀ ପତି ଯୋଗଦାନ କରିଥିଲେ।... ୧.୯.୨୫ରେ ରାଜ୍ୟସ୍ତରୀୟ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ପରିଚାଳନାରେ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଧୁସୂଦନ ମହାପାତ୍ର "ବେଦ ପ୍ରସଙ୍ଗ" ସମ୍ପର୍କରେ ଆଲୋଚନା କରିଥିଲେ।... ୨.୯.୨୫ରେ କଟକ ଜିଲ୍ଲା ସଙ୍ଗଠକ ଓ ସଙ୍ଗଠିକାମାନଙ୍କ

ଏକ ବୈଠକ ଶରତ ଚନ୍ଦ୍ର ମିଶ୍ରଙ୍କ ପୌରୋହିତ୍ୟରେ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି।... ୩.୯.୨୫ରେ ପଟଣାସ୍ଥିତ ମୀରାମ୍ବିକା ପାଠଚକ୍ର ସରୋଜ ନଳିନୀ ପରିଜାଙ୍କ ଆବାହନରେ ଅନୁଷ୍ଠିତ ହୋଇଯାଇଛି।... ୪.୯.୨୫ରେ ବହଳପଡାଠାରେ ରସାନନ୍ଦ ଲେଙ୍କାଙ୍କ ପରିଚ୍ଳନାରେ ଶ୍ରୀଅରବିନ୍ଦ ପାଠଚକ୍ରରେ ଧୀରେନ୍ଦ୍ର ବେହେରା "କାରାକାହାଣୀ" ପୁସ୍ତକକୁ କିଛି ଅଂଶ ପାଠ କରି ଆଲୋଚନା କରିଥିଲେ।... ୫.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବହଳପଡା, ତେଲଙ୍ଗାପେଣ୍ଠ ଓ କଳପଡା ଆଦି ସ୍ଥାନମାନଙ୍କରେ ପୂଜ୍ୟ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ "ପୂଜ୍ୟ ପ୍ରପତ୍ତିଙ୍କ ପ୍ରେରଣାଦାୟୀ ଜୀବନ", "ପ୍ରପତ୍ତିଙ୍କ ଆଦର୍ଶ", "ପୂଜ୍ୟ ପ୍ରପତ୍ତିଙ୍କ ତ୍ୟାଗପୂତ ଜୀବନ" ଏବଂ "ଓଡିଶାରେ ମାତୃକୃପାର ପ୍ରସାର" ସମ୍ପର୍କରେ ସଞ୍ଜୟ କୁମାର ମହାପାତ୍ର, ମୋନାଲିସା ଦାଶ ଓ ଡ. ବିଜୟ କୁମାର ପାତ୍ର ଆଲୋଚନା କରିଥିଲେ।... ୭.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାଳାନ୍ଦପୁରଠାରେ ଜିଲ୍ଲାସ୍ତରୀୟ କୁସାଗ କାର୍ଯ୍ୟକ୍ରମର ବାର୍ଷିକ ଦିବସ ରଙ୍କପ୍ରସାଦ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଗବତୀ ପ୍ରସାଦ ଦାସ, ପୁରୁଷୋତ୍ତମ ନାୟକ, ବନମାଳୀ ଆଚାର୍ଯ୍ୟ ଓ କରୁଣାକର ରାଉତ "ସାବୁନ୍ ପ୍ରସ୍ତୁତିର ବିଭିନ୍ନ ଦିଗ" ବିଷୟରେ ଓ ଅମୂଲ୍ୟ କୁମାର ସାହୁ "କୁସାଗର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ। ପରିଶେଷରେ କୈଳାସ ଚନ୍ଦ୍ର କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ।... ୮.୯.୨୫ରେ କଳପଡାସ୍ଥିତ ଶ୍ରୀଅରବିନ୍ଦ ଯୋଗ ମନ୍ଦିର ଆନୁକୂଲ୍ୟରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ କାର୍ଯ୍ୟକ୍ରମ ଜ୍ୟୋତ୍ସ୍ନାରାଣୀ ଦାଶଙ୍କ ପରିଚ୍ଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଧାକାନ୍ତ ମିଶ୍ର ଶ୍ରୀଅରବିନ୍ଦଙ୍କ ରଚିତ କବିତା "ଦେବତାମ୍ବା ଆମର ଡାକନ୍ତି" ପ୍ରସଙ୍ଗରେ ଆଲୋଚନା କରିଥିଲେ।... ୧୦.୯.୨୫ରେ କଟକ ବାଦାମବାଡି ଜୋନ ଅନ୍ତର୍ଗତ ଶ୍ରୀଅରବିନ୍ଦ ପାଠଚକ୍ର ଆନୁକୂଲ୍ୟରେ ସନାତନ ବାରିକଙ୍କ ପରିଚ୍ଳନାରେ "ସର୍ବଂ ଖଲ୍ୱିଦଂ ବ୍ରହ୍ମ" ସମ୍ପର୍କରେ ସୁଶୀଲ କୁମାର ସ୍ୱାଇଁ ଆଲୋଚନା କରିଥିଲେ।... ୧୮.୯.୨୫ରେ ବୟାଳିଶ ମୌଜା ମହିଳା ପାଠଚକ୍ର ଆନୁକୂଲ୍ୟରେ ଆୟୋଜିତ ଅନ୍‌ଲାଇନ୍ କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାରାଣୀ ଦାଶ "ଆମ ପ୍ରିୟ ପ୍ରପତ୍ତି" ସମ୍ପର୍କରେ ଆଲୋଚନା କରିଥିଲେ।... ସେପ୍ଟେମ୍ବର ୨୨ ଓ ୨୯ ତାରିଖରେ ଅନ୍‌ଲାଇନ୍

ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଜନ୍ମେଜୟ ଦ୍ୱିବେଦୀ "ରୂପାନ୍ତର" ଓ "ନିର୍ବାଣ" ପ୍ରସଙ୍ଗରେ ଆଲୋଚନା କରିଥିଲେ।

**ଜଗତସିଂହପୁର:-** ଅଗଷ୍ଟ ୩୦ ଓ ୩୧ ତାରିଖ ଦୁଇ ଦିନ ବ୍ୟାପି ଶ୍ରୀମା ଶ୍ରୀଅରବିନ୍ଦ ଭବନ, ରାୟରପୁରଠାରେ ଜାଗତସିଂହପୁର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସଂଗଠିକା ତାଲିମ ଶିବିର ବିଜୟିନୀ ମହାପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଞ୍ଜନା ପାତ୍ର, ଗୀତାଞ୍ଜଳି ସେନାପତି ଓ ସବିତା ତ୍ରିପାଠୀ "ଜୀବନର ଲକ୍ଷ୍ୟ", "ଲକ୍ଷ୍ୟ ପ୍ରାପ୍ତିର ଉପାୟ", "ଦିବ୍ୟ ଯୁଗ ସ୍ଥାପନାରେ ନାରୀ", "ଶ୍ରୀମା ଶ୍ରୀଅରବିନ୍ଦ ବର୍ତ୍ତମାନର ଅବତାର" ଏବଂ "ଶ୍ରୀଅରବିନ୍ଦ ପାଠଚକ୍ର କାହିଁକି ଓ କିପରି" ବିଷୟରେ ଆଲୋଚନା କରିଥିଲେ। ପୂଜ୍ୟ ବାବାଜି ମହାରାଜଙ୍କ ରଚିତ ପୁସ୍ତକ "ପୁରୁଷୋତ୍ତମ ତତ୍ତ୍ୱ ଓ ରୂପାନ୍ତର ଯୋଗ" ବିଷୟରେ ଦଳଗତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରସାଦ ତ୍ରିପାଠୀଙ୍କ ସଭାପତିତ୍ୱରେ ଜିଲ୍ଲାର ସର୍ବ ପୁରାତନ ମହିଳା ସଂଗଠିକା ସ୍ୱର୍ଗତା ସରୋଜିନୀ ମହାପାତ୍ରଙ୍କର ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ କୃତଜ୍ଞତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪୦ ଜଣ ସଂଗଠିକା ଏବଂ ୧୫୦ ଜଣ ମାତୃଭକ୍ତ ଯୋଗଦାନ କରିଥିଲେ।

**ସମତା ମଣ୍ଡଳ**

**ସୁନ୍ଦରଗଡ:-** ୨୧.୮.୨୫ରେ ଆଉଁଲାବାହାଲସ୍ଥିତ ରାକ୍ଷୀ ରାଉତ ଓ ବିଶାଲ ରାଉତଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ।... ଅଗଷ୍ଟ ୨୮ ଓ ୩୦ ତାରିଖରେ ତିଲପଡା ଗ୍ରାମରେ, ଲୋକଡେଗାସ୍ଥିତ ଲବଣୀଧର ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୧, ୪, ୧୨, ୧୪, ୧୫, ୧୮,୧୯ ଓ ୨୦ ତାରିଖରେ ପିତପଡାସ୍ଥିତ ନିରଦୋଷ ପଟେଲ, ରିଙ୍କୁ ପଟେଲ, ଛୋଟବଙ୍ଗାସ୍ଥିତ ରାଜା ସାହୁ, ଦରଲିପାଲ୍ଲୀସ୍ଥିତ ଯୋଗେନ୍ଦ୍ର ପଟେଲ, ଝୁଲନଡିହିସ୍ଥିତ ଦିପକ ଓରମ୍ ଓ ଦିଆମୁଣ୍ଡା ଗ୍ରାମର ସ୍ୱସ୍ତିକ୍ ପଟେଲ ପ୍ରମୁଖଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଆରତୀ ପଟେଲ, ସୁଦାମ ଚରଣ ପଟେଲ, ଦୀପଶ ପଟେଲ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୧୫.୯.୨୫ରେ ଦିଆମୁଣ୍ଡାସ୍ଥିତ ଆରତୀ ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକୋତ୍ସବରେ ରଞ୍ଜିତ ଦାସ ଓ ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ।...

୧୭.୯.୨୫ରେ ରାଇଡିହି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୩୨ତମ ବାର୍ଷିକୋତ୍ସବରେ ସୁଦାମଚରଣ ପଟେଲ ଓ ବୁଦ୍ଧ ପଟେଲ ଅଂଶଗ୍ରହଣ କରିଥିଲେ।... ସେପ୍ଟେମ୍ବର ୬ ଓ ୭ ତାରିଖରେ Mother's Public Schoolରେ ସୁନ୍ଦରଗଡ ଜିଲ୍ଲାସ୍ତରୀୟ ଆଲୋକ ସେନା ଶିବିରରେ ସୁନୀଲ ପଟେଲ, ପ୍ରତିଭା ପଟେଲ, ରାଧା ପଟେଲ ଓ ସୁଦାମ ଚରଣ ପଟେଲ ଅଂଶଗ୍ରହଣ କରିଥିଲେ।... ସେପ୍ଟେମ୍ବର ୧୯ ରୁ ୨୧ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଭାତଲଇଡାଠାରେ ଆଲୋକ ସେନା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁରେନ୍ଦ୍ର ବେହେରା, ଡମ୍ବରୁଧର ସାହୁ, ରଣଜିତ୍ ଦାସ, ନବୀନ ପଟେଲ, ସୁଦାମ ଚରଣ ପଟେଲ, ପ୍ରଶାନ୍ତ ପାଲ ଓ ବେଲାରାଣୀ ଶତପଥୀ ଯୋଗଦାନ କରିଥିଲେ।

### ସମର୍ପଣ ମଣ୍ଡଳ

**କୋରାପୁଟ:–** ୨୪.୮.୨୫ରେ ଦେଓ ଘାଟି ଆଶ୍ରମ ବିଦ୍ୟାଳୟଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଟଙ୍କଧର ବେହେରା ଅଂଶଗ୍ରହଣ କରିଥିଲେ।... ୨୪.୮.୨୫ରେ ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ନକୁଳଗୁଡାଠାରେ କୋରାପୁଟ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ଆଇନ ପରିଷଦର ବାର୍ଷିକ ସମ୍ମିଳନୀ ଦିବାକର ଲେଙ୍କାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳ ମାଧବ ମିଶ୍ର ସ୍ୱାଗତ ଜଣାଇଥିବା ବେଳେ ପ୍ରଶାନ୍ତ କୁମାର ସ୍ୱାଇଁ, ସି.ଏଚ୍. ଶାନ୍ତାକାର, ସୁରେନ୍ଦ୍ର ନାଥ ଦାଶ ଓ ସୁରେଶ ମିଶ୍ର ଅଂଶଗ୍ରହଣ କରିଥିଲେ।... ୨୯.୮.୨୫ରେ ଜାନିଗୁଡ଼ାସ୍ଥିତ କମଳାକାନ୍ତ ସାହୁଙ୍କ ବାସଭବନରେ ସ୍ୱର୍ଗତଃ ଭାରତୀ ଅପାଙ୍କ ୮ମ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଟଙ୍କଧର ବେହେରା ଆଲୋଚନା କରିଥିଲେ।... ୨୬.୮.୨୫ରେ ପ୍ରତାପ ଦେଓ୍ୱାନଙ୍କ ପରିଚାଳନାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ମାସିକ ଅନଲାଇନ ସାଙ୍ଗଠନିକ ଆଲୋଚନାରେ ପ୍ରଶାନ୍ତ କୁମାର ସ୍ୱାଇଁ ଓ ସୁରେଶ ମିଶ୍ର ତଥା ବ୍ଲକ୍ ସଙ୍ଗଠକ, ଦଶକର୍ମଧାରା ଆବାହକ ପ୍ରମୁଖ ଯୋଗଦାନ କରିଥିଲେ।... ସେପ୍ଟେମ୍ବର ୨ ଓ ୩ ତାରିଖରେ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଲାବନଗରଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ।... ୨.୯.୨୫ରେ କୋଟପାଡ ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମ, କୋଟପାଡ ମହାନ୍ତି ସାହିସ୍ଥିତ ସଚ୍ଚିଦାନନ୍ଦ ରଥଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ବିନୋଦ ବିହାରୀ ଦାସ ଅଂଶଗ୍ରହଣ

କରିଥିଲେ।... ୫.୯.୨୫ରେ ପୂଜାରିପୁଟସ୍ଥିତ ସୁରେନ୍ଦ୍ର ଭାଇଙ୍କ ବାସଭବନରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଶାନ୍ତ କୁମାର ସ୍ୱାଇଁ ଅଂଶଗ୍ରହଣ କରିଥିଲେ।... ୫.୯.୨୫ରେ କୋଟପାଡ ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ କଲ୍ୟାଣୀ ଅପାଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ସଚ୍ଚିଦାନନ୍ଦ ରଥ ଅଂଶଗ୍ରହଣ କରିଥିଲେ।... ସେପ୍ଟେମ୍ବର ୫, ୮ ଓ ୧୭ ତାରିଖରେ ଗୁଆଲି ପଞ୍ଚାୟତର ଖୁଡୁଗୁଡାଠାରେ ପଦ୍ମ ନାୟକ, ସୋନ ନାୟକ, ବୁଦୁରି ସମରଥ, ଯମୁନା ପୂଜାରୀ, ଦନେଇ ପୂଜାରୀ, ବିମଳା ପୂଜାରୀ ଓ ତୁଳବତୀ ନାୟକଙ୍କ ବାସଭବନରେ ଅନୁଷ୍ଠିତ ନୂତନ ଶ୍ରୀଅରବିନ୍ଦ ପାଠଚକ୍ରରେ ଅପର୍ଣ୍ଣା ବ୍ରହ୍ମା ଅଂଶଗ୍ରହଣ କରିଥିଲେ।... ୭.୯.୨୫ରେ ଶ୍ରୀଅରବିନ୍ଦ ଭବନ, କୋରାପୁଟଠାରେ ଇନ୍ଦୁ ଅପାଙ୍କ ଶ୍ରୀଅରବିନ୍ଦ ପାଠଚକ୍ରରେ ହରିହର ସାହୁ "ଶାନ୍ତି ଶାନ୍ତି ଶାନ୍ତି" ବିଷୟରେ ଆଲୋଚନା କରିଥିଲେ।... ସେପ୍ଟେମ୍ବର ୯ ଓ ୧୦ ତାରିଖରେ ଗାନ୍ଧୀ ବାଳିକା ବିଦ୍ୟାଳୟ, କସ୍ତୁରବା ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବୋରିଗୁମ୍ମାଠାରେ ଗୀତାଞ୍ଜଳି ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ କୁମାର ନାୟକ ଅଂଶଗ୍ରହଣ କରିଥିଲେ।... ୧୧.୯.୨୫ରେ ସରକାରୀ ଡି.ଏ.ଭି. ମହାବିଦ୍ୟାଳୟ, କୋରାପୁଟ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଡ. ପ୍ରୀତିଧରା ସାମଲ ଓ ଟଙ୍କଧର ବେହେରାଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଭାତ କୁମାର ନାୟକ "ଭବିଷ୍ୟତ ମାନବ ପାଇଁ ଶିକ୍ଷା" ଓ "ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକ ଓ ଶିକ୍ଷକମାନଙ୍କ ଭୂମିକା" ବିଷୟରେ ଆଲୋଚନା କରିଥିଲେ।... ୧୩.୯.୨୫ରେ କୋଟପାଡ ବ୍ଲକ ଅନ୍ତର୍ଗତ କେନ୍ଦୁଗୁଡା ଗ୍ରାମରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀରେ ବାଲିମେଳାର କୁଞ୍ଜଲତା ଦଳେଇ "ଶ୍ରୀଅରବିନ୍ଦ ପାଠଚକ୍ର ଏକ ଆହ୍ୱାନ ଓ ଏଥିରେ ମହିଳାମାନଙ୍କ ଭୂମିକା" ଏବଂ ପ୍ରଭାତ କୁମାର ନାୟକ "ଶ୍ରୀମା ଶ୍ରୀଅରବିନ୍ଦଙ୍କ ମହାଆବିର୍ଭାବର ରହସ୍ୟ" ବିଷୟରେ ଆଲୋଚନା କରିଥିଲେ।... ୧୪.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଦାମନଯୋଡିଠାରେ ସମର୍ପଣ ମଣ୍ଡଳସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ବବିତା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚାମରଯୋଡି ଶ୍ରୀଅରବିନ୍ଦ ଆଶ୍ରମର ସଂଯୁକ୍ତ ମାଦଳା "ବିଶ୍ୱାସ" ଓ

ପ୍ରଭାତ କୁମାର ନାୟକ "କେବଳ ସତ୍ୟ" ବିଷୟରେ ଆଲୋଚନା କରିଥିଲେ।... ୧୮.୯.୨୫ରେ ସର୍ବୋଦୟ ସମିତିଠାରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ ଟଙ୍କଧର ବେହେରା "ଜନ୍ମଦିନର ବିଶେଷତ୍ୱ" ଏବଂ ପ୍ରଶାନ୍ତ କୁମାର ସ୍ୱାଇଁ "ଧ୍ୟାନ ଓ ଏହାର ଉପକାରିତା" ବିଷୟରେ ଆଲୋଚନା କରିଥିଲେ।... ଏତଦ୍‌ବ୍ୟତୀତ ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ଶ୍ରୀଅରବିନ୍ଦ ପାଠଚକ୍ରରେ "ଶିକ୍ଷା" ପୁସ୍ତକକୁ ବିଜୟାନନ୍ଦ ଦାସ ଆଲୋଚନା କରିଥିଲେ।

**ମାଲକାନଗିରି:-** ୨୮.୮.୨୫ରେ ଜୟପୁରିଆଗୁଦସ୍ଥ ସନ୍ଦିପ୍ତ କୁମାର ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟ ସତ୍ତାର ଯାତ୍ରା" ସମ୍ପର୍କରେ ବିଜୟା ନନ୍ଦ ଦାସ ଆଲୋଚନା କରିଥିଲେ।... ୩୧.୮.୨୫ରେ ବଂଶୀଧର ପାଢ଼ୀଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ "ପ୍ରଭୁ ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୫.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାଲିମେଳାଠାରେ ପୂଜ୍ୟ ପ୍ରପତ୍ତିଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ପ୍ରପତ୍ତିଙ୍କ ଜୀବନୀ" ଏବଂ "ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରସାରରେ ପ୍ରପତ୍ତିଙ୍କ ଭୂମିକା" ସମ୍ପର୍କର ଆଲୋଚନା କରିଥିଲେ।... ୭.୯.୨୫ରେ ଜୟପୁରିଆଗୁଡାସ୍ଥ ବିଚିତ୍ରାନନ୍ଦ ରାଉତଙ୍କ ବାସଭବନରେ ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ କୁଞ୍ଜଲତା ଦଳେଇଙ୍କ ପରିଚାଳନାରେ ଅନୁଷ୍ଠିତ ହୋଯାଇଛି। ଏଥିରେ ପ୍ରଭାତ କୁମାର ନାୟକ "ପୂର୍ଣ୍ଣାଙ୍ଗ ଯୋଗରେ ନାରୀମାନଙ୍କର ଭୂମିକା", ବିନୀତା ସାବତ "ଶ୍ରୀଅରବିନ୍ଦ ପାଠଚକ୍ର ଆନ୍ଦୋଳନରେ ନାରୀର ଭୂମିକା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୩.୯.୨୫ରେ ମାଲକାନଗିରିସ୍ଥିତ ବିଜୟାନନ୍ଦ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ "ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ଯୋଗ ଜୀବନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ସଙ୍ଗତି ମଣ୍ଡଳ

**ସମ୍ବଲପୁର:-** ୨୧.୮.୨୫ରେ କୁଚିଣ୍ଡାସ୍ଥିତ ମିକି ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଶୈଳବାଳା ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି।... ଅଗଷ୍ଟ ୨୮, ୩୧ ଓ ସେପ୍ଟେମ୍ବର ୧ ଓ ୬ ତାରିଖରେ ଜମନକିରା ବ୍ଲକର ବନମାଳିସ୍ଥିତ ସୁସ୍ମିତା ସାହୁଙ୍କ

ବାସଭବନ, ଖଇରଡିହି, ସର୍ବେଜାଲ ଗ୍ରାମ ଓ ରେଢ଼ାଖୋଲସ୍ଥିତ ଆଦ୍ୟାଙ୍କ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨.୯.,୨୫ରେ ରେଙ୍ଗାଲି ବ୍ଲକର ଭିନ୍ନ ଭିନ୍ନ ୫ଟି ଗ୍ରାମରେ ଜ୍ୟୋତିର୍ମୟୀ ସାହୁଙ୍କ ପ୍ରେରଣାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୫.୯.୨୫ରେ ମାନେଶ୍ୱର ବ୍ଲକର ଗୁଲୁଣ୍ଡା ଓ ମିର୍ଥାମୁଣ୍ହା ଗ୍ରାମରେ ୫ଟି ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୭.୯.୨୫ରେ ବାଉଁଶଲଗାସ୍ଥିତ ଭେଷଜ ବାଘଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୯.୨୫ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ମାତୃକ୍ଷେତ୍ରର ୨୬ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି।... ୧୮.୯.୨୫ରେ ଜମନକିରା ବ୍ଲକର ଅନ୍ତର୍ଯ୍ୟାମୀ ଭାଇ ଓ ସୁବ୍ରତ ଭାଇ ସମ୍ବଲପୁର ଜିଲ୍ଲାର ଭିନ୍ନ ଭିନ୍ନ ୫ଟି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ "କୁସାଗ" ବିଷୟରେ ଆଲୋଚନା କରିଥିଲେ।... ୧୮.୯.୨୫ରେ କିଣ୍ଡିରାସ୍ଥିତ ସରୋଜ ପଣ୍ଡା ଏବଂ ପରୁଆଗାଡିସ୍ଥିତ କନକ ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୮.୯.୨୫ରେ କବରାପାଲୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।

●

## ମାତୃଭବନ ପତ୍ର ସମ୍ପର୍କରେ

**ଗ୍ରାହକ ଚାନ୍ଦା ବର୍ଷକୁ ୫୦ଟଙ୍କା ଓ ଆଜୀବନ (୨୦ବର୍ଷ) ୧୦୦୦ଟଙ୍କା**

ଯେଉଁ ବନ୍ଧୁମାନଙ୍କର ମାତୃଭବନ ପତ୍ରର ଗ୍ରାହକ ଚାନ୍ଦା ଶେଷ ହୋଇଯାଉଛି, ସେମାନେ ଦୟାକରି ବାର୍ଷିକ ଚାନ୍ଦା **ପଚାଶ ଟଙ୍କା ମାତ୍ର** ତୁରନ୍ତ ପଠାଇବାକୁ ଅନୁରୋଧ। ଗ୍ରାହକ ଚାନ୍ଦା ଶେଷ ହେବା ମାସ ଜାଣିବା ପାଇଁ ଆପଣଙ୍କ ପତ୍ରିକା ଖୋଳ ଉପରେ ଥିବା ଠିକଣା ସ୍ଲିପ୍‌ର ପ୍ରଥମ ଧାଡ଼ି ଦେଖନ୍ତୁ। ଧାଡ଼ିର ଶେଷରେ ଚାନ୍ଦା ଶେଷ ହେଉଥିବା ମାସ ଓ ବର୍ଷ ଉଲ୍ଲେଖ ଅଛି। ମାତୃଭବନ ପତ୍ର ସମ୍ପର୍କରେ କୌଣସି ଅଭିଯୋଗ ଥିଲେ **ମୋ: ୯୪୩୮୭୦୪୬୭୩ରେ ଅନୁପମା ଦଳାଇ (ପିଙ୍କି ଅପା)ଙ୍କୁ** ଜଣାଇବାକୁ ଅନୁରୋଧ। **ଅଭିଯୋଗ ଜଣାଇବା ସମୟରେ ନିଜର ଟେଲିଫୋନ /ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

**ପରିଚାଳକ**

## ଛୟାଳିଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ
## ୨୪, ୨୫, ୨୬ ଜାନୁୟାରୀ ୨୦୨୬

ଦିବ୍ୟ ଅଭୀପ୍ସୁ ବନ୍ଧୁଗଣ,

ଦିବ୍ୟ ଜନନୀଙ୍କ ଅପାର କରୁଣାରୁ ଛୟାଳିଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଆସନ୍ତା ଜାନୁୟାରୀ ୨୦୨୬ ମସିହା ତା. ୨୪, ୨୫, ୨୬ ରିଖ ତିନି ଦିନ ଧରି ଶ୍ରୀଅରବିନ୍ଦ ନିବାସ, ଜଗତ୍‌ସିଂହପୁରଠାରେ ଅନୁଷ୍ଠିତ ହେବା ପାଇଁ ସ୍ଥିରିକୃତ ହୋଇଛି। ଏପରି ଏକ ବିରାଟ ରାଜ୍ୟସ୍ତରୀୟ ଆଧାତ୍ମିକ ସମ୍ମିଳନୀ ଅନୁଷ୍ଠିତ କରିବାର ସୁଯୋଗ ପାଇ ଆମ୍ଭେମାନେ ନିଜକୁ ଧନ୍ୟ ମନେକରୁଛୁ ତଥା ଦିବ୍ୟ ଜନନୀଙ୍କ କରୁଣାକୁ ଗ୍ରହଣ କରି ତୀବ୍ର ଅଭୀପ୍ସା ସହ ନିଜକୁ ପ୍ରସ୍ତୁତ କରିଚାଲିଛୁ।

ବାବାଜି ମହାରାଜ କୁହନ୍ତି, "ପ୍ରତ୍ୟେକ ବ୍ୟକ୍ତି ଯାହା ଚାହାନ୍ତି ତାହା ହିଁ ଯଥାର୍ଥ ଜୀବନର ଲକ୍ଷ୍ୟ। ସେହି ଲକ୍ଷ୍ୟ ପ୍ରାପ୍ତିର ସମୟ ଆସିଯାଇଛି। ସଂସାରରେ ଜଣେ ବ୍ୟକ୍ତିକୁ ମଧ ବାଦ ନଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖ କଷ୍ଟରୁ ମୁକ୍ତି ଚାହାଁନ୍ତି। ଏହା ପ୍ରାପ୍ତ ହୁଏ ଶ୍ରୀଅରବିନ୍ଦଙ୍କ ଯୋଗରେ।"

ଏହି କାର୍ଯ୍ୟରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ହିଁ ଭଗବାନଙ୍କ ଯନ୍ତ୍ର ଭାବରେ ଯଥାର୍ଥ ମାତୃତ୍ୱର ଅଧିକାରିଣୀ ହୋଇ ନୂତନ ସୃଷ୍ଟିକୁ ଭୂମିଷ୍ଠ କରିବାରେ ସାହାଯ୍ୟ କରିବେ। ମହିଳାମାନଙ୍କ ହୃଦୟ ସରଳ ଓ ଗ୍ରହଣଶୀଳ। ସେମାନେ ଶ୍ରୀଅରବିନ୍ଦଙ୍କ ଯୋଗକୁ ସହଜରେ ଗ୍ରହଣ କରିପାରିବେ। ନାରୀମାନେ ପରିବାରର କେନ୍ଦ୍ରବିନ୍ଦୁ। "ମଣିଷମାନଙ୍କ ମଧ୍ୟରୁ ନାରୀହିଁ ପ୍ରଥମେ ଏହି ବୃହତ, ସୁମହତ ପରିବର୍ତ୍ତନକୁ ଉପଲବ୍ଧି କରିବା ଆବଶ୍ୟକ। କାରଣ ପୃଥିବୀ ପୃଷ୍ଠରେ ନୂତନ ମାନବ ଜାତି ସ୍ଥାପନାରେ ପ୍ରଥମ ନମୁନାମାନଙ୍କୁ ଜନ୍ମ ଦେବା କାର୍ଯ୍ୟଟି ନାରୀ ଉପରେହିଁ ନ୍ୟସ୍ତ କରାଯାଇଛି।" ଏଣୁ ମହିଳା ପାଠଚକ୍ର ସମ୍ମିଳନୀର ଆୟୋଜନ ଓ ଯୋଗଦାନ - ନୂତନ ସମାଜ ଓ ନୂତନ ଜାତି ପ୍ରତିଷ୍ଠା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଛି। ବିଶେଷତଃ ମହିଳାମାନେ ଅଧିକ ସଚେତନ ହେଲେ, ନିଜକୁ ଗଢ଼ିତୋଳିଲେ ପରିବାରରେ ଏକ ଦିବ୍ୟ ବାତାବରଣ ସୃଷ୍ଟି ହେବ। କ୍ରମେ ସେହି ଅଞ୍ଚଳ, ରାଜ୍ୟ, ଦେଶ ଓ ଜଗତରେ ପରିବ୍ୟାପ୍ତ ହୋଇ ଦିବ୍ୟ ଆନନ୍ଦ, ଦିବ୍ୟ ଜ୍ଞାନ ଓ ଦିବ୍ୟ ପ୍ରେମର ଅମୃତ ଧାରା ସହ ଦିବ୍ୟ ଜୀବନ ପ୍ରତିଷ୍ଠା ଲାଭ କରିବ।

ଓଡ଼ିଶାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଶ୍ରୀଅରବିନ୍ଦ ପାଠଚକ୍ର ତଥା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସମସ୍ତ ଅପା/ଭାଇମାନଙ୍କୁ ଏଥିରେ ବହୁତ ସଂଖ୍ୟାରେ ଯୋଗଦେବାକୁ ଅନୁରୋଧ। ଏହି ସମ୍ମିଳନୀରେ ଯୋଗଦେବାପାଇଁ ୩ଦିନକୁ ପ୍ରତିନିଧି ଚାନ୍ଦା ୨୫ ଟଙ୍କା ମାତ୍ର ଧାର୍ଯ୍ୟ କରାଯାଇଛି।

ଦୟାକରି ଶୀତବସ୍ତ୍ର ସାଙ୍ଗରେ ଆଣିବେ ଏବଂ ସାନପିଲାମାନଙ୍କୁ ସାଙ୍ଗରେ ଆଣିବେ ନାହିଁ।

ଆପଣଙ୍କର

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ଜଗତ୍‌ସିଂହପୁର

**THE MATRUBHABAN PATRA**

**Date of Publication 19.10.2025** **OCTOBER 2025**

RNI Regn. No. 65218/91 Registered OR/CK (C) -22/2024-26

# ୩୦ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ

## ନଭେମ୍ବର ୧ ଓ ୨, ୨୦୨୫

**ସମ୍ମାନନୀୟା ଭଉଣୀ / ସମ୍ମାନନୀୟ ଭାଇ,**

ଆପ୍ତମାନଙ୍କର ନମସ୍କାର ନେବେ। ଜାଣି ଖୁସୀ ହେବେ ଯେ ଆସନ୍ତା **'୩୦ତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ'** ୨୦୨୫ ମସିହା **ନଭେମ୍ବର ମାସର ୧ ଏବଂ ୨ ତାରିଖ** ଦୁଇଦିନ ଧରି ପୁରୀ ଜିଲ୍ଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଶ୍ରୀଅରବିନ୍ଦ ଧାମ, ପୁରୀଠାରେ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ସମ୍ମିଳନୀରେ ୧୨ ବର୍ଷରୁ ୧୯ ବର୍ଷ ବୟସର ବାଳିକାମାନଙ୍କୁ ଅଧିକ ସଂଖ୍ୟାରେ ଯୋଗଦେବା ପାଇଁ ଆମ୍ଭେମାନେ ଅନୁରୋଧ କରୁଅଛୁ। ଏହି ସମୟରେ ବାଳିକାମାନଙ୍କର ମାନସିକ, ପ୍ରାଣୀକ ତଥା ଶାରୀରିକ ସମସ୍ୟା ଏବଂ ସେସବୁର ସ୍ୱାସ୍ଥ୍ୟଗତ, ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ସମସ୍ୟା ଏବଂ ତା'ର ସମାଧାନ ବିଷୟରେ ଅଭିଜ୍ଞ ଶିକ୍ଷାବିତ୍ ତଥା ଚିକିତ୍ସକମାନେ ଆଲୋଚନା କରିବେ।

ଏହି ସମ୍ମିଳନୀରେ ସମଗ୍ର ଓଡ଼ିଶାର ପ୍ରତ୍ୟେକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଅନ୍ୟାନ୍ୟ ବିଦ୍ୟାଳୟ ତଥା ମହାବିଦ୍ୟାଳୟ ମାନଙ୍କରେ ଅଧ୍ୟୟନ କରୁଥିବା ୧୨ ବର୍ଷରୁ ୧୯ ବର୍ଷ ବୟସର ଛାତ୍ରୀମାନେ ଯୋଗଦେବାକୁ ଅନୁରୋଧ। ନିଜ ନିଜ ସ୍କୁଲ ଅପା ଓ ପିଲାମାନଙ୍କୁ ପଠାଇବା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ବିଶେଷ ଅନୁରୋଧ। ଏତଦ୍‌ବ୍ୟତୀତ ଘରେ ଥିବା କିମ୍ବା ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କରେ ଯୋଗ ଦେଉଥିବା ବାଳିକାମାନେ ମଧ୍ୟ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ଆମ୍ଭେ ବିନମ୍ର ନିବେଦନ କରୁଅଛୁ।

**ଶ୍ରୀଅରବିନ୍ଦ ମହିଳା ପାଠଚକ୍ର**
**ଶ୍ରୀଅରବିନ୍ଦଧାମ, ପୁରୀ**

**ପ୍ରତିଷ୍ଠାତା - ଗଦାଧର ମିଶ୍ର** **ପରିଚାଳନା - ପ୍ରସାଦ**

Printed, Published & Edited by Dr. Shyama Kanungo on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753013.

E-mail : matrubhaban@gmail.com Please visit us at : www.motherorissa.com